# ୪୨ ବସ୍ତା ଭାଙ୍ଗ ଜବତ, ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୨୮ ।୨(ସମିସ)

ଗଞ୍ଜାମ ଜିଲା କେ.ନୂଆଗାଁ ଥାନା ପୋଲିସ ବୁଧବାର ସକାଳ ପ୍ରାୟ ୮ଟାରେ ଦିଗପହଣ୍ଡି - ଚିକିଟି ମୁଖ୍ୟ ରାସ୍ତାର ରତ୍ନେଶ୍ୱରୀ ମନ୍ଦିର ନିକଟରୁ ଭାଙ୍ଗ ବୋଝେଇ ବୋଲେରୋ ମ୍ୟାକ୍ସ ପିକ୍ ଅପ୍ ଭ୍ୟାନ ନଂ. (ଓଡ଼ି ୦୨ ଏଲ -୧୯୪୪) କୁ ଜବତ କରିଛନ୍ତି । ସେଥିରେ ୪୨ଟି ବସ୍ତାରେ ୧୧ କ୍ୱିଣ୍ଟାଲ ୫୨ କେଜି ୨୪ ଗ୍ରାମ ଭାଙ୍ଗ ଥିବା ଜଣାପଡିଥିଲା । ଏନେଇ ଯାଜପୁର ଜିଲା କୁଆଖିଆ ଥାନା ରସିଲପୁର ଗ୍ରାମର ଅଭିଯୁକ୍ତ ସନ୍ତୋଷ ପଣ୍ଡାଙ୍କୁ ଥାନା ଆଇଆଇସି କିଶୋର କୁମାର ସାମଲ ଗିରଫ କରି କୋର୍ଟଚାଲାଣ କରିଛନ୍ତି । ଥାନା ମାମଲା ନଂ.୬୫/୨୪ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି । ବୁଧବାର ସକାଳେ ଥାନା ଏ ଏସ ଆଇ ସି.ତାରକେଶ୍ୱର ରାଓ ସଦଳବଳେ ଦିଗପହଣ୍ଡି - ଚିକିଟି ମୁଖ୍ୟରାସ୍ତା ୫୯ ନଂ ରାଜ୍ୟରାଜପଥର ରତ୍ନେଶ୍ୱରୀ ମନ୍ଦିର ନିକଟରେ ବ୍ଲକିଂ କରି ରାସ୍ତାରେ ଚଳପ୍ରଚଳ କରୁଥିବା ଗାଡ଼ି ମୋଟର ଯାଞ୍ଚ କରୁଥିବାବେଳେ ଦିଗପହଣ୍ଡିରୁ ଚିକିଟି ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ପିକଅପ୍ ଭ୍ୟାନକୁ ଅଟକାଇ ଖାନତଲାସ କରିବାରୁ ସେଥିରେ ଭାଙ୍ଗ ଥିବା ଜଣାପଡିଥିଲା । ଅଭିଯୁକ୍ତ ଗାଡି ଚାଳକ ସନ୍ତୋଷ ପଣ୍ଡାଙ୍କୁ ପଚାରିବାରୁ ସେ କୌଶଳ କ୍ରମେ ଖସି ଯିବାକୁ ଚେଷ୍ଟା କରୁଥିବାବେଳେ ପୋଲିସ ଟିମ୍ ତାଙ୍କୁ ମାଡ଼ି ବସିଥିଲା । ପରେ ତାଙ୍କୁ ପଚାରିବାରୁ ସେ ଗଜପତି ଜିଲ୍ଲା ମୋହନା ଚନ୍ଦ୍ରଗିରି ଅଞ୍ଚଳରୁ ଭାଙ୍ଗ ଆନ୍ଧ୍ର ଅଞ୍ଚଳକୁ ବିକ୍ରି ଉଦ୍ଦେଶ୍ୟରେ ଚାଲାଣ କରୁଥିବା ସ୍ୱୀକାର କରିଥିଲା ।



## ଯୁବକଙ୍କୁ ଆକ୍ରମଣ କରି ଟଙ୍କା ଲୁଟ୍ ଅଭିଯୋଗ

**ବ୍ରହ୍ମପୁର,୨୮ ।୨(ସମିସ):** ବାଇକରେ ଯାଉଥିବା ଜଣେ ଯୁବକଙ୍କୁ ମାରଣାନ୍ତକ ଆକ୍ରମଣ ସହ ଟଙ୍କା ଲୁଟ୍ କରାଯାଇଥିବା ନେଇ ବଡବଜାର ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ସୂଚନାଯୋଗ୍ୟ ଯେ, ପାଣିଗ୍ରାହୀପେଣ୍ଠ ଅମ୍ବିକାନଗରର କେ. ମଣିକଣ୍ଠା ନାମକ ଜଣେ ଯୁବକ ବାଇକରେ ଘରକୁ ଫେରୁଥିବା ବେଳେ ସ୍ଥାନୀୟ ହରିଡାଖଣ୍ଡି କେନାଲ ସାହିଠାରେ ୪ଜଣ ଯୁବକ ତାଙ୍କୁ ଅଟକାଇ ହଠାତ ଆକ୍ରମଣ କରିଥିଲେ । ଆକ୍ରମଣରେ ମଣିକଣ୍ଠା ଗୁରୁତର ହେବା ପରେ ସେହି ଯୁବକମାନେ ତାଙ୍କୁ ସିଟି ହସପିଟାଲକୁ ନେଇ ଚିକିତ୍ସା କରାଇଥିଲେ । ସେଠାରେ ଯୁବକମାନେ ମଣିକଣ୍ଠାଠାରୁ ୨୦ହଜାର ଟଙ୍କା ନେଇ ଯାଇଥିଲେ । ସୁସ୍ଥ ହୋଇ ଫେରିବା ପରେ ମଣିକଣ୍ଠା ବଡବଜାର ଥାନାରେ ଅଭିଯୋଗ କରିଥିଲେ । ପୁଲିସ ତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

## ଗଞ୍ଜେଇ ଚୋରା ଚାଲାଣ ମାମଲା, ଦୁଇ ଅଭିଯୁକ୍ତ ନିର୍ଦ୍ଦୋଷ

**ବ୍ରହ୍ମପୁର,୨୮ ।୨(ସମିସ):** ବ୍ରହ୍ମପୁର ଏଡିଜେ-୧ ଡ. ଇନ୍ଦୁ ଶର୍ମା ବୁଧବାର ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି । ପ୍ରମାଣ ଅଭାବରୁ ସେ ଅଭିଯୁକ୍ତ ଦ୍ୱୟଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି । ସେମାନେ ହେଲେ ଦିଗପହଣ୍ଡି ଅଞ୍ଚଳର କେ. ସଞ୍ଜୟ (୨୬)ଓ ରାମ ନାଇକ(୨୧) । ସୂଚନାଯୋଗ୍ୟ ଯେ, ଦିଗପହଣ୍ଡି ରାସ୍ତା ଦେଇ ବ୍ରହ୍ମପୁର ଗଞ୍ଜେଇ ଆସୁଥିବା ଅବକାରୀ ଗୁଇନ୍ଦା ବିଭାଗକୁ ଖବର ମିଳିଥିଲା । ସେହିକ୍ରମେ ୨୦୨୨ମସିହା ଅଗଷ୍ଟ ୨୦ତାରିଖରେ ଅବକାରୀ ଟିମ ସ୍ଥାନୀୟ ଦିଗପହଣ୍ଡି ନିକଟସ୍ଥ କଇଠଖଣ୍ଡି ଛକରେ ଯାନବାହନ ଯାଞ୍ଚ କରୁଥିଲା । ଏହି ସମୟରେ ଦୁଇ ଜଣ ବାଇକରେ ଆସୁଥିଲେ । ଉକ୍ତ ବାଇକକୁ ଅଟକାଇ ଯାଞ୍ଚ କରାଯାଇଥିଲା । ବାଇକରେ ଏକ ବସ୍ତା ରହିଥିବା ବେଳେ ତାହା ଯାଞ୍ଚ ହୋଇଥିଲା । ସେଥିରେ ୨୧କିଲୋ ଗଞ୍ଜେଇ ଥିବା ଜଣାପଡିଥିଲା । ଟିମ ଗଞ୍ଜେଇ ଜବତ କରିବା ସହ ଉପରୋକ୍ତ ଦୁଇଜଣ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । କିଛିମାସ ପରେ ଅଭିଯୁକ୍ତ ମାନଙ୍କୁ ଜାମିନ ମିଳିଥିଲା । ଉକ୍ତ ମାମଲାର ବିଚାରଣା ବେଳେ ୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ରାୟ ପ୍ରକାଶ ବେଳେ ଉପରୋକ୍ତ ଅଭିଯୁକ୍ତ ଦ୍ୱୟ କୋର୍ଟରେ ହାଜର ହୋଇଥିଲେ । ସାକ୍ଷୀମାନଙ୍କ ବୟାନକୁ ଭିତ୍ତି କରି ଉପଯୁକ୍ତ ପ୍ରମାଣ ମିଳିଥିନବାରୁ କୋର୍ଟ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି ।

## ଗଞ୍ଜେଇ ବୋଝେଇ ଅଟୋ ଜବତ

**ଦିଗପହଣ୍ଡି,୨୮ ।୨(ସମିସ):** ଦିଗପହଣ୍ଡି - ଚିକିଟି ମୁଖ୍ୟରାସ୍ତାର କଲ୍ୟାଣପୁର ତୋଟା - ବୀର ଲକ୍ଷ୍ମୀନାରାୟଣପୁର ଛକ ନିକଟରୁ ବୁଧବାର ସକାଳେ ଦିଗପହଣ୍ଡି ପୋଲିସ ଏକ ଗଞ୍ଜେଇ ବୋଝେଇ ଅଟୋନଂ (ଓଡ଼ି ୦୨ଏମ - ୮୮୯୨) କୁ ଜବତ କରିଛି । ଦିଗପହଣ୍ଡି ଥାନା ଭାରପ୍ରାପ୍ତ ଥାନା ଅଧିକାରୀ ସଦଳବଳେ ପାଟ୍ରୋଲିଂ କରୁଥିବାବେଳେ ଦୂରରୁ ପୋଲିସ ଗାଡ଼ି ଦେଖି ଅଭିଯୁକ୍ତ ଏବଂ ଅଟୋ ଚାଳକ ରାସ୍ତା କଡ଼ରେ ଅଟୋକୁ ଛାଡି ଚମ୍ପଟ ମାରିଥିଲେ । ପୋଲିସ ଅଟୋ ଜବତ କରି ଥାନାକୁ ଆଣିଥିଲେ । ଅଟୋରେ ୨୩ କେଜି ଗଞ୍ଜେଇ ଥିବା ଜଣାପଡିଥିଲା । ଏନେଇ ପୋଲିସ ପକ୍ଷରୁ ଥାନାରେ ମାମଲା ନଂ.୯୬/୨୪ ଅନୁଯାୟୀ ମକଦ୍ଦମା ରୁଜୁ କରାଯାଇଥିବା ଚିକିଟି ଏସଡିପିଓ ସୁଜିତ କୁମାର ନାୟକ କହିଛନ୍ତି ।

## ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ରାଜ୍ୟ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା



**ବ୍ରହ୍ମପୁର,୨୮ ।୨(ସମିସ):** ସ୍ଥାନୀୟ ବିଜୁ ପଟ୍ଟନାୟକ ସଂସ୍କୃତି ଭବନଠାରେ ଓଡ଼ିଶା ରାଜ୍ୟ ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ଜିଲ୍ଲା ସଂଘ ପକ୍ଷରୁ ରାଜ୍ୟ ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନଙ୍କୁ ସମ୍ବର୍ଦ୍ଧନା କରାଯାଇଛି । ଶ୍ରୀ ପ୍ରଧାନ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ଏ ଅବସରରେ ସେ କହିଛନ୍ତି ଓଡ଼ିଶାର ସମସ୍ତ କର୍ମଚାରୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଗୁରୁତ୍ୱ ଦିଆଯିବ । ଏହା ସହ ସଂଘର ବିଭିନ୍ନ ଦାବି ସମ୍ପର୍କରେ ସରକାରଙ୍କ ସହ ଆଲୋଚନା ମାଧ୍ୟମରେ ସମସ୍ତ ଦାବି ପୁରଣ ପାଇଁ ଉଦ୍ୟମ କରିବେ ବୋଲି ରବୀନ୍ଦ୍ର ନାଥ ପ୍ରଧାନ କହିଛନ୍ତି । ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଏହି ଗୁରୁ ଦାୟିତ୍ୱ ଦେଇଥିବାରୁ ରାଜ୍ୟ ସମନ୍ୱୟ ସମିତିର ସମସ୍ତ କର୍ମଚାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ କର୍ମୀ ସଂଘର ସଭାପତି ବାବୁଲା ନାହାକ, ସମ୍ପାଦକ ଦିଗନ୍ତ ମହାନ୍ତି, କୋଷାଧ୍ୟକ୍ଷ ସିଦ୍ଧାର୍ଥ ଶଙ୍କର ମହାରଣା ଓ ପ୍ରଶାନ୍ତ ପାଣିଗ୍ରାହୀଙ୍କ ସମତେ ଅନ୍ୟମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା କରି ସ୍ୱାଗତ ଜଣାଇଥିଲେ ।

## ଏଲ୍ଆରସି ପଟ୍ଟା ବଣ୍ଟନ ନେଇ ବିଏମସିର ପ୍ରସ୍ତୁତି ବୈଠକ



**ବ୍ରହ୍ମପୁର,୨୮ ।୨(ସମିସ):** ବ୍ରହ୍ମପୁର ମହାନଗର ନିଗମ ନୂତନ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ସ୍ଥାନୀୟ ଆମ୍ବପୁଆ ବିବେକ ବିହାରଠାରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବ୍ରହ୍ମପୁର ମହାନଗର ନିଗମର ବିଭିନ୍ନ ହିତାଧିକାରୀଙ୍କୁ ଏଲ୍ଆରସି ସାର୍ଟିଫିକେଟ ଓ ପଟ୍ଟା ବଣ୍ଟନ କରାଯିବ ବୋଲି ଜଣାଯାଇଛି । ଏନେଇ ବିଏମସିରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି । ମେୟର ସଂଘମିତ୍ରା ଦଳେଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଗଞ୍ଜାମ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବିଧାୟକ ବିକ୍ରମ କୁମାର ପଣ୍ଡା, ଡ଼େପୁଟି ମେୟର ଇ ବିବେକ ରେଡ଼ୀ, ବିଇଏମସି କମିଶନର ଭବାନୀ ପ୍ରସାଦ ମିଶ୍ର, ଡ଼େପୁଟି କମିଶନର ଆଶୀର୍ବାଦ ପରିଡ଼ା, ଆସିଷ୍ଟାଣ୍ଟ କମିଶନର ନରେନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ଗୁରୁବାର ବ୍ରହ୍ମପୁର ମହାନଗର ନିଗମର ୩୯୪୪ଜଣ ହିତାଧିକାରୀ ଏଲଆରସି ପଟ୍ଟା ବଣ୍ଟନ କରାଯିବ ବୋଲି ସୂଚନା ମିଳିବ । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି ସମସ୍ତ କର୍ପୋରେଟର ଓ ବିଇଏମସି ଷ୍ଟାଫଙ୍କ ସହ ଆଲୋଚନା କରାଯାଇଛି ।

## ସ୍ତ୍ରୀକୁ ନିର୍ଯାତନା ଅଭିଯୋଗରେ ସ୍ୱାମୀ ଗିରଫ

ବ୍ରହ୍ମପୁର,୨୮ ।୨(ସମିସ): ନିଜ ସ୍ତ୍ରୀକୁ ନିର୍ଯାତନା ଦେବା ଅଭିଯୋଗରେ ମହିଳା ଥାନା ପୁଲିସ ସ୍ୱାମୀଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ କୁକୁଡାଖଣ୍ଡିର ପ୍ରଶାନ୍ତ ମହାରଣା(୩୦) । ଏନେଇ ମହିଳା ଥାନାରେ ରୁଜୁ ହୋଇଥିବା ମାମଲା ନଂ ୨୯/୨୪ ପ୍ରକାରେ ଅଭିଯୁକ୍ତ ପ୍ରଶାନ୍ତଙ୍କୁ କୋର୍ଟଚାଲାଣ କରାଯାଇଛି । ସୂଚନାଥାଉକି ଆଜକୁ ୩ ବର୍ଷ ପୂର୍ବେ ପ୍ରଶାନ୍ତଙ୍କ ବିବାହ ହୋଇଥିଲା । ଉଭୟଙ୍କ ଏକ ୨ବର୍ଷର ଝିଅ ରହିଛି । ତେବେ ପ୍ରଶାନ୍ତ ଅନେକ ସମୟରେ ନିଜ ସ୍ତ୍ରୀକୁ ନିର୍ଯାତନା ଦେବା ସହ ମାଡ ମାରୁଥିବା ଅଭିଯୋଗ ହୋଇଥିଲା । ୨ମାସ ତଳେ ତାଙ୍କ ସ୍ତ୍ରୀକୁ ମାଡ ମାରିଥିବା ନେଇ ମହିଳା ଥାନାରେ ଅଭିଯୋଗ ହୋଇଥିଲା । ସେତେବେଳେ ପୁଲିସ ପ୍ରଶାନ୍ତଙ୍କୁ ତାଗିତ କରି ନୋଟିସ ଦେଇ ଛାଡିଥିଲା । ହେଲେ ଗତକାଲି ପୁଣିଥରେ ନିର୍ଯାତନା ଦେଇଥିବା ନେଇ ତାଙ୍କ ସ୍ତ୍ରୀ ମହିଳା ଥାନାରେ ଅଭିଯୋଗ କରିବା ପରେ ପ୍ରଶାନ୍ତଙ୍କୁ ଗିରଫ କରାଯାଇଥିଲା ।

# ଗ୍ରୀଷ୍ମର ସର୍ବୋଚ୍ଚ ବିଜୁଳି ଚାହିଦା ପୂରଣ କରିବାକୁ ଟିପିଏସ୍ଓଡିଏଲର ପ୍ରସ୍ତୁତି

**ବ୍ରହ୍ମପୁର,୨୮ ।୨(ସମିସ):** ଟିପିଏସ୍ଓଡିଏଲ୍ (ଟିପି ସଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍), ଟାଟା ପାୱାର ଓ ଓଡିଶା ସରକାରଙ୍କର ଯୌଥ ଉଦ୍ୟୋଗ, ପକ୍ଷରୁ ଆସନ୍ତା ଗ୍ରୀଷ୍ମ ପ୍ରବାହ ସମୟରେ ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ତଥା ଭରସାଯୋଗ୍ୟ ବିଜୁଳି ସେବା ଯୋଗାଇଦେବା ଲକ୍ଷ୍ୟରେ ଗ୍ରୀଷ୍ମକାଳୀନ ପ୍ରସ୍ତୁତି କରାଯାଇଛି । ଆସନ୍ତା ଗ୍ରୀଷ୍ମ ପ୍ରବାହ ସମୟରେ ସର୍ବାଧିକ ଆନୁମାନିକ ବିଜୁଳି ଚାହିଦା ୮୨୦ ମେଗାୱାଟ୍ ରହିବ । ଏହାକୁ ଦୃଷ୍ଟିରେ ରଖି କମ୍ପାନୀ ପ୍ରଖର ଗ୍ରୀଷ୍ମର ମୁକାବିଲା ନେଇ ଉଦ୍ୟମ ଆରମ୍ଭ କରିଛି ।

**■ ବିଜୁଳି ଚାହିଦା ୮୨୦ ମେଗାୱାଟ୍ ହେବା ନେଇ ଆକଳନ**

**■ ବିଭିନ୍ନ ଅଞ୍ଚଳରେ ପାଖାପାଖି ୫ ହଜାର କର୍ମଚାରୀ ନିୟୋଜିତ**

**ପ୍ରଯୁକ୍ତିବିଦ୍ୟାର ପ୍ରୟୋଗରେ ସକ୍ରିୟ ତଦାରଖ**

ଫିଡରଗୁଡିକର କ୍ଷେତ୍ରୀୟ ସ୍ଥିତି ଯାଞ୍ଚ କରିବା ସହ ଏହାର ସଠିକ ତଦାରଖ ପାଇଁ ବ୍ରହ୍ମପୁର, ଜୟପୁର, ରାୟଗଡା ଓ ଭଞ୍ଜନଗରରେ ନିୟନ୍ତ୍ରଣ କେନ୍ଦ୍ରମାନ ପ୍ରତିଷ୍ଠା ହୋଇଛି । ୩୩ କେଭି ଫିଡର୍, ପ୍ରାଇମେରୀ ସବଷ୍ଟେସନ୍ ଓ ୧୧ କେଭି ଫିଡରର କାର୍ଯ୍ୟଦକ୍ଷତାକୁ ତଦାରଖ କରିବା ସହ ଏହାର ସୁପରିଚାଳନା ପାଇଁ କେନ୍ଦ୍ରୀଭୂତ ଶକ୍ତି ବ୍ୟବସ୍ଥା ନିୟନ୍ତ୍ରଣ କେନ୍ଦ୍ର (ପିଏସସିସି) ରହିଛି । କାର୍ଯ୍ୟକ୍ଷମ ନିରନ୍ତରତା ବଜାୟ ରଖିବା ପାଇଁ, କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ ଏବଂ ପିଏସସିସିରେ ୨୪ଘଂଟ ଶକ୍ତି ବ୍ୟାକଅପ୍ ବ୍ୟବସ୍ଥା କରାଯାଇଛି । ଏହାସହ, ପିଏସସିସିରେ ସର୍କଲସ୍ତରୀୟ ମୋବାଇଲ ନମ୍ବରଗୁଡ଼ିକୁ ବ୍ୟବସ୍ଥିତ ଭାବେ ରଖାଯାଇଛି । ଯାହାଫଳରେ ସମୟସାପେକ୍ଷ ନିଷ୍ପତ୍ତି ନେବା ସମ୍ଭବପର ହୋଇପାରୁଥିବା ବେଳେ ସମୟ ଉପଯୋଗୀ ଯୋଗାଯୋଗ ସାଧନ ହୋଇପାରୁଛି । ଏହି କେନ୍ଦ୍ରଗୁଡିକରେ ପରିଚାଳନା ସୂଚନା ବ୍ୟବସ୍ଥା ( ଏମ୍ଆଇଏସ୍) ଲାଗୁ ହୋଇଛି ।

**ସୁଦକ୍ଷ ଗ୍ରାହକ ସେବା ଓ ସହାୟତା**

ଗ୍ରାହକ ସେବା କ୍ଷେତ୍ରକୁ ଧ୍ୟାନ ଦେଇ ପାଖାପାଖି ପାଞ୍ଚ ହଜାର କର୍ମଚାରୀଙ୍କୁ ବିଜୁଳି ସେବାରେ ନିଯୁକ୍ତ କରାଯାଇଛି । ଏହାସହ ଏକ ଉତ୍ସର୍ଗୀକୃତ ବ୍ୟାକ୍ ଏଣ୍ଡ ଫଲୋ ଅପ୍ ଡେସ୍କ ପ୍ରତିଷ୍ଠା ହୋଇଛି । ଯାହା କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିବାରେ ସହାୟକ ହେବ । ବିଜୁଳି କାଟ୍ ସମୟରେ ଉପଭୋକ୍ତାମାନଙ୍କୁ ଏସ୍ଏମ୍ଏସ୍ ଜରିଆରେ ସୂଚନା ପ୍ରଦାନ ନେଇ ବ୍ୟବସ୍ଥା କରାଯାଇଛି । ପ୍ରେସ୍ ବିଜ୍ଞପ୍ତି, ଟେଲିଭିଜନ୍ ଓ ସାମାଜିକ ଗଣମାଧ୍ୟମ ଜରିଆରେ ଉପଭୋକ୍ତାଙ୍କ ନିକଟରେ ବିଜୁଳ ସମ୍ପର୍କିତ ଜରୁରୀ ସୂଚନା ପହଞ୍ଚିବ । ଏହାସହ ପିକ୍ କଲ୍ ଟାଇମ୍ ସମୟରେ କଲ୍ ବ୍ୟାକ୍ ଭଳି ଅପସନକୁ ମଧ୍ୟ ଲାଗୁ କରାଯାଇଛି । ଅନ୍ୟପକ୍ଷରେ ସାମାଜିକ ଗଣମାଧ୍ୟମରେ ଭିନ୍ନ ଭିନ୍ନ ଭାଷାରେ ବିଶେଷ କରି ଓଡ଼ିଆରେ କମ୍ପାନୀ ସୂଚନା ପ୍ରଦାନ କରିବ । ଟିପିଏସ୍ଓଡିଏଲର କାର୍ଯ୍ୟକ୍ଷେତ୍ର ମଧ୍ୟରେ ସମୁଦାୟ ୮୧୪ଟି ଫ୍ୟୁଜ୍ କଲ୍ ସେଣ୍ଟର ରହିଥିବା ବେଳେ ଫ୍ୟୁଜ କଲ୍ ଅଭିଯୋଗଗୁଡିକ ଏଫସିସି ମୋବାଇଲ୍ ଆପ୍ ଜରିଆରେ ଦାଖଲ ହୋଇପାରିବ । ଏହାସହ, ୩୩ କେଭି ଓ ୧୧କେଭି ବ୍ରେକ୍ ଡାଉନକୁ ନିୟନ୍ତ୍ରଣ କରିବା ପାଇଁ ସବଡିଭିଜନ୍ସ୍ତରରେ ବ୍ରେକ୍ ଡାଉନ୍ ଟିମମାନ ଗଠିତ ହୋଇଛି । ରାତି ସମୟରେ ଓ ପିକ୍ ଆୱାରରେ ବିଜୁଳିଜନିତ ଅଭିଯୋଗର ତ୍ୱରିତ ସମାଧାନ ଉଦ୍ଦେଶ୍ୟରେ କଲ୍ ସେଣ୍ଟର ଏଜେଣ୍ଟମାନଙ୍କ ସଂଖ୍ୟାକୁ ବଢାଇ ଦିଆଯାଇଛି ।

**ସକ୍ରିୟ ରକ୍ଷଣାବେକ୍ଷଣ ଓ ନେଟୱାର୍କ ବୃଦ୍ଧି**

ନିୟମିତ ରକ୍ଷଣାବେକ୍ଷଣ ସମେତ ଗ୍ରୀଷ୍ମ ପ୍ରସ୍ତୁତକୁ ପ୍ରାଥମିକତା ଦେଇ କମ୍ପାନୀ ୮୦ ପ୍ରତିଶତ ସବଷ୍ଟେସନଗୁଡିକର ରକ୍ଷଣାବେକ୍ଷଣ କାର୍ଯ୍ୟ ଶେଷ କରିଛି । ଏହାସହ ୩୩କେଭି ଓ ୧୧କେଭି ଫିଡର୍ ରକ୍ଷଣାବେକ୍ଷଣ କାର୍ଯ୍ୟ ଶେଷ ହୋଇଛି । ୨୫୧ ପ୍ରାଇମେରୀ ସବଷ୍ଟେସନ (ପିଏସଏସ), ୪୧୩୭ କିଲୋମିଟରର ୩୩ କେଭି ଫିଡର ଲାଇନ, ୧୮୭୩ କିଲୋମିଟର ସହରାଞ୍ଚଳ ଏବଂ ଜଟିଳ ଫିଡର ଲାଇନ, ୧୭, ୪୮୪ କିଲୋମିଟର ଗ୍ରାମୀଣ ଫିଡର ଲାଇନ ଏବଂ ୧୦,୫୨୬ ବିତରଣ ସବଷ୍ଟେସନର ରକ୍ଷଣାବେକ୍ଷଣ କାର୍ଯ୍ୟ ସମାପ୍ତ ହୋଇଛି । କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରିବାକୁ, ଟିପିଏସ୍ଓଡିଏଲ୍ ୧୯ ଟି ଡିଭିଜନରେ ୨୦୫ଟି ଟ୍ରି ପ୍ରୁନର୍ ନିୟୋଜିତ କରିଛି । ସର୍ବୋଚ୍ଚ କାର୍ଯ୍ୟଦକ୍ଷତା ବଜାୟ ରଖିବା ପାଇଁ ପ୍ରାଇମେରୀ ସବଷ୍ଟେସନ (ପିଏସଏସ) ଏବଂ ସହରୀ ଫିଡର୍ ପାଇଁ ନିୟମିତ ଥର୍ମୋ ସ୍କାନିଂର ବ୍ୟବସ୍ଥା ହୋଇଛି । ଡାକ୍ତରଖାନା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ଆଦି କାର୍ଯ୍ୟାଳୟସହ ସଂଯୁକ୍ତ ହୋଇ ଫିଡରଗୁଡିକ ପାଇଁ ସେକ୍ସନାଲାଇଜର୍, ଅଟୋ-ରିକ୍ଲୋଜର ଏବଂ ଫଲ୍ଟ ପାସେଜ୍ ସୂଚକର ବ୍ୟବସ୍ଥା ରହିଛି । କମ୍ପାନୀର ୬ଟି ଯାକ ସର୍କଲ ପାଇଁ ଗୋଟିଏ ଲେଖାଏଁ ଭ୍ରାମ୍ୟମାନ ବିଜୁଳି ଯୋଗାଣ ସବଷ୍ଟେସନ୍ ରହିଛି । ଏହାସହ ୧୫ଟି ଟ୍ରାନଜିଟ୍ ଷ୍ଟୋର ସହ ୫ଟି ମୁଖ୍ୟ ଷ୍ଟୋର ରହିଛି । ସେହିଭଳି ରକ୍ଷଣାବେକ୍ଷଣ ତଥା ବିଜୁଳି ଯୋଗାଣ କାର୍ଯ୍ୟରେ ନିୟୋଜିତ ହେଉଥିବା କର୍ମଚାରୀମାନେ କିଭଳି ନିଜ ସାଙ୍ଗରେ ପାଣିବୋତଲ ନେବେ ଓ ଟୋପି ପିନ୍ଧିବେ, ସେନେଇ କମ୍ପାନୀ ସଯତ୍ନ ରହିଛି । ସେହିଭଳି ବିଏ ଷ୍ଟାଫମାନଙ୍କ ଉଦ୍ଦେଶ୍ୟରେ ସୁରକ୍ଷା ପ୍ରସ୍ତୁତ କାର୍ଯ୍ୟକ୍ରମର ଆୟୋଜନ ହେଉଛି । ବିଜୁଳି ଚାହିଦାକୁ ଆକଳନ କରିବା ଭରସାଯୋଗ୍ୟ ବିଜୁଳି ଯୋଗାଣ କ୍ଷେତ୍ରରେ ଏକ ପ୍ରମୁଖ କାର୍ଯ୍ୟ ଅଟେ । ବିଗତ ବର୍ଷଗୁଡିର ବିଜୁଳି ଚାହିଦାକୁ ଅନୁଶୀଳନ କରି ଟିପିଏସ୍ଓଡିଏଲ୍ ଆସନ୍ତା ଗ୍ରୀଷ୍ମର ବିଜୁଳି ଚାହିଦାକୁ ଆକଳନ କରୁଛି । ଏହା ସହ ନିରବଚ୍ଛିନ୍ନ ବିଜୁଳି ସେବା ଯୋଗାଇବା ନେଇ କଷ୍ଟ ଇଫେକଟିଭ୍ ଯୋଜନା ପ୍ରସ୍ତୁତ କରିଛି । ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, "ନିରବଚ୍ଛିନ୍ନ ତଥା ଭରସାଯୋଗ୍ୟ ବିଜୁଳି ଯୋଗାଣ ନେଇ ଆମେ ପ୍ରତିବଦ୍ଧ । ବିଶେଷ କରି, ଗ୍ରୀଷ୍ମ ଋତୁ ସମୟରେ ସୁଦକ୍ଷ ଗ୍ରାହକ ସେବା ଓ ସହାୟତା ସମେତ ଭିତ୍ତିଭୂମିର ସକ୍ରିୟ ରକ୍ଷଣାବେକ୍ଷଣ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରି ଆମେ ଉପଭୋକ୍ତାଙ୍କର ଆବଶ୍ୟକତାକୁ ପୂରଣ କରିବା ଦିଗରେ କାର୍ଯ୍ୟ କରୁଛୁ । ଆମେ ଏକାଠି ହୋଇ ଉପଭୋକ୍ତାମାନଙ୍କୁ ସେବା ପ୍ରଦାନ ପାଇଁ ପ୍ରସ୍ତୁତ ଅଛୁ ।







ଏକାଦଶାହ ଉପଲକ୍ଷେ



ସ୍ୱ ପୂର୍ଣ୍ଣଶଶୀ ମହାନ୍ତି

ବୋଉ,
ତୁ ଥିଲୁ ଆମ ଯୌଥ ପରିବାରର ମଙ୍ଗ ତୋ'
ସ୍ନେହ, ମମତା, ଆନ୍ତରିକତା,
ପରୋପକାରିତା ଓ ଧର୍ମପରାୟଣତା ଆମ
ସ୍ମୃତିରେ ସବୁବେଳେ ରହିବ । ସେ ପୁରରୁ
ଆମମାନଙ୍କୁ ଆଶିଷ
ଦେବୁ - ତୋ'ଆଦର୍ଶ, ତ୍ୟାଗ ଓ
ମହନୀୟତାରେ ଅନୁପ୍ରାଣିତ ହେବାପାଇଁ ।
ତୋ ଶେଷ ଜୀବନର କଷ୍ଟ ଆମମାନଙ୍କୁ
ବ୍ୟଥିତ କରିଥିଲା ସତ, ହେଲେ ତାହା
ବୋଧେ ଥିଲା ବିଧିନିର୍ଦ୍ଦିଷ୍ଟ ।
ତୋ' ପରି ମାଆ ଟିଏ ପାଇ ଆମେ ସମସ୍ତେ
ଧନ୍ୟ । ତୋ'ଆତ୍ମାର ମୋକ୍ଷ ଓ ସଦଗତି
ନିମନ୍ତେ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

ଶୋକସନ୍ତପ୍ତ:
ପୁଅ, ବୋହୂ, ଝିଅ, ଜ୍ୱାଇଁ, ପୁତୁରା, ଝିଆରୀ,
ନାତି, ନାତୁଣୀ, ନାତୁଣୀବୋହୂ,
ନାତୁଣୀଜ୍ୱାଇଁ, ଅଣନାତି, ଅଣ ନାତୁଣୀ ଓ
ଆତ୍ମୀୟ ସ୍ୱଜନ

## ସିଟି କଲେଜ ଅର୍ଥନୀତି ବିଭାଗର ଆଲୋଚନାଚକ୍ର

**ବ୍ରହ୍ମପୁର,୨୮ ।୨(ସମିସ):** ସ୍ଥାନୀୟ ଆମ୍ବପୁଆ ସ୍ଥିତ ସିଟି ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ପକ୍ଷରୁ ବୁଧବାର ଆଲୋଚନା ଚକ୍ର ଅନୁଷ୍ଠିତ ହୋଯାଇଛି । ମହାବିଦ୍ୟାଳୟ ଡ.ଅନୀତା କୁମାରୀ ପଣ୍ଡା ଅଧକ୍ଷତା କରିଥିଲେ । ଏଥିରେ ମୁଖ୍ୟ ବକ୍ତା ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ସୁଧାକାର ପାତ୍ର ଯୋଗ ଦେଇ "ନଲେଜ୍ ଇକୋନୋମି' ସମ୍ପର୍କରେ ଆଲୋଚନା କରାଯାଇଥିଲା । ଡ. ପାତ୍ର ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଅର୍ଥନୀତି ଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ପୌରାଣିକ, ସାମାଜିକ, ବୈଦେଶିକ ଓ ପ୍ରଯୁକ୍ତିବିଦ୍ୟାର ଉଦାହରଣ ବକ୍ତବ୍ୟ ମାଧ୍ୟମରେ ପ୍ରଦାନ କରିଥିଲେ । ଆଧୁନିକ ସମାଜରେ ଜ୍ଞାନ ସହ ଅର୍ଥନୀତିର ଏକ ସମନ୍ୱୟତାକୁ ନେଇ ବିଭିନ୍ନ ମହାପୁରୁଷଙ୍କ ଜୀବନୀ ଯଥା ଆଇନଷ୍ଟାଇନ୍, ସ୍ୱାମୀ ବିବେକାନନ୍ଦ, ମନମୋହନ ସିଂ, ଅବଦୁଲ କଲାମ, ଅମାମ, ସେନ୍ଙ୍କ କର୍ମ ସମ୍ବନ୍ଧୀୟ ଉଦାହରଣ ପ୍ରଦାନ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ପରିଶେଷରେ ବିଭାଗର ଅଧ୍ୟାପକ କେ. ସୁରେଶ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଲୋଚନା ଚକ୍ରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ତଥା ଅର୍ଥନୀତି ବିଭାଗ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ଜାତୀୟ ବିଜ୍ଞାନ ଦିବସ ପାଳିତ

**ବ୍ରହ୍ମପୁର,୨୮ ।୨(ସମିସ):** ସ୍ଥାନୀୟ ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ଏକାଡ଼େମିକ ବିଭାଗ ଓ ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ବୁଧବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଥିଲା । ମହାବିଦ୍ୟାଳୟ ଅଧକ୍ଷା ଡ଼. ପ୍ରମିଳା ଖାଡ଼ଙ୍ଗା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ପଦାର୍ଥ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ରୋଶନୀ ସାହୁ ବିଜ୍ଞାନ ଦିବସ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ । ଉଦ୍ଭିଦ ବିଜ୍ଞାନ ବିଭାଗ ବିଭାଗୀୟ ମୁଖ୍ୟ ଡ଼. ମାନ୍ସା ମିଳିଆନ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୁକ୍ତ ତିନି ବିଦ୍ୟାର୍ଥୀଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ସଚେତନତା ବୃଦ୍ଧି ନିମନ୍ତେ ଏକ ସ୍ଲୋଗାନ ଲିଖନ ପ୍ରତିଯୋଗିତା ହୋଇଥିଲା । ଏଥିରେ କୃତି ବିଦ୍ୟାର୍ଥୀଙ୍କୁ ପୁରସ୍କାର ପ୍ରଦାନ କରାଯଇଥିଲା । ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଡ଼.ମଧୁସ୍ମିତା ଦାସ, ଡ଼. ଅଚ୍ୟୁତ ବିଶ୍ୱାଳ, ଡ଼. ବନୋଜ କୁମାର ନାୟକ, ଡ଼. ଶୁଭଶ୍ରୀ ଅପରାଜିତା, ଶ୍ୱେତାଶ୍ରୀ ପ୍ରିୟଦର୍ଶନୀ, ନିହାରିକା ମହାପାତ୍ର ଉପସ୍ଥିତ ଥିଲେ ।

## ଅଗ୍ନିକାଣ୍ଡରେ ୯ ପରିବାର ସର୍ବସ୍ୱାନ୍ତ

**ଭଞ୍ଜନଗର,୨୮ ।୨(ସମିସ):** ଭଞ୍ଜନଗର ବ୍ଲକ ଅନ୍ତର୍ଗତ ମୁଜାଗଡ଼ ଗ୍ରାମରେ ବୁଧବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ୯ଟି ପରିବାରର ନଅ ବଖରା ଘର ସମେତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି । ଅଗ୍ନି ବିପନ୍ନ ମାନେ ହେଲେ ଅଭି ନାଇକ, ରବୀନ୍ଦ୍ର ସେଠୀ, ସୁଦର୍ଶନ ସେଠୀ, ଅରକ୍ଷିତ ସେଠୀ, ନରୋତ୍ତମ ସେଠୀ, ଲକ୍ଷ୍ମୀ ସେଠୀ, ମୁରଲୀ ସେଠୀ, ଅଳିଅ ସେଠୀ ଓ କାଳିଆ ପ୍ରଧାନ । ଭଞ୍ଜନଗର ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି । ମିଠା ଦୋକାନୀ କାଳିଆ ପ୍ରଧାନ ରୋଷେଇ ପାଇଁ ଗ୍ୟାସ ଲଗାଉଥିବାବେଳେ ସେଥିରୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି । ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ସେଠାରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି । ଅଗ୍ନି ବିପନ୍ନ ମାନଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।



## ନାବାଳିକାଙ୍କୁ ଅପହରଣ ପରେ ଦୁଷ୍କର୍ମ ଅଭିଯୋଗ, ଯୁବକ ଗିରଫ

ବ୍ରହ୍ମପୁର,୨୮ ।୨(ସମିସ): ଜଣେ ନାବାଳିକାଙ୍କୁ ଅହପହଣ ପରେ ଦୁଷ୍କର୍ମ କରିବା ଅଭିଯୋଗରେ ଟାଉନ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଯୁବକ ଜଣକ ହେଲେ ଅମଞ୍ଜୟ ନାୟକ(୧୯) । ସୂଚନାଯୋଗ୍ୟ ଯେ, କିଛି ଦିନ ପୂର୍ବେ ଟାଉନ ଥାନା ଅଞ୍ଚଳର ଜଣେ ନାବାଳିକା ଘରୁ ନିଖୋଜ ହୋଇଯାଇଥିଲେ । ଏନେଇ ତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା । ଘଟଣାର ତଦନ୍ତ ବେଳେ ନାବାଳିକା ଜଣଙ୍କ ଛତ୍ରପୁର ଅଞ୍ଚଳରେ ଥିବା ପୁଲିସ ଜାଣିବାକୁ ପାଇଥିଲା । ଏକ ପୁଲିସ ଟିମ ସେଠାକୁ ଯାଇ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଅମଞ୍ଜୟଙ୍କୁ କାବୁ କରିଥିଲା । ଆଜି ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା ।



# ବ୍ରହ୍ମପୁରରେ ଖୁବ୍‌ଶୀଘ୍ର ଗଡ଼ିବ 'ମୋ ବସ୍', ଅବଗଣନା ଆରମ୍ଭ

ବ୍ରହ୍ମପୁର,୨୮ ।୨(ସମିସ)

ରାଜଧାନୀ ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ପୁରୀ ଓ ରାଉରକେଲାରେ ସଫଳତା ପରେ ଏବେ ବ୍ରହ୍ମପୁର ସହରରେ ଗଡିବ ମୋ ବସ। ଯାତ୍ରୀଙ୍କ ପାଇଁ ଉପଲବ୍ଧ ହେବ ସୁଲଭ, ସୁରକ୍ଷିତ ଓ ଅମୋଦଦାୟକ ବସ ଯାତ୍ରା। ଏଥିପାଇଁ ଆରମ୍ଭ ହୋଇଯାଇଛି କାଉଣ୍ଟଡାଉନ ବା ଅବଗଣନା। ଏହି ସେବା ଗୁରୁବାର ୨୯ତାରିଖଠାରୁ ଆରମ୍ଭ ହେବାକୁ ଥିବାବେଳେ କୌଣସି କାରଣ ବଶତଃ ଏଥିରେ ବିଳମ୍ବ ଘଟିଥିବା ଜଣାପଡିଛି। ଖୁବଶୀଘ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଏହି ସେବାର ଲୋକାର୍ପଣ ହେବ। ପ୍ରଥମ ପର୍ଯ୍ୟାୟରେ ବ୍ରହ୍ମପୁର ସହରରେ ଏହି ସେବା ଉପଲବ୍ଧ ହେବ। ପରେ ଗଂଜାମ ଜିଲ୍ଲାର ଛତ୍ରପୁର, ଦିଗପହଣ୍ଡି, ହିଂଜିଳି, ଗୋପାଳପୁର, ଚିକିଟି ସମେତ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ମଧ୍ୟ ସମ୍ପ୍ରସାରିତ ହେବାର ଯୋଜନା ରହିଛି। ତେବେ ବର୍ତ୍ତମାନ ସୁଦ୍ଧା ବ୍ରହ୍ମପୁର ଉପକଣ୍ଠ ହଳଦିଆପଦର ବସଷ୍ଟାଣ୍ଡରେ କ୍ରୁଟ ପକ୍ଷରୁ ୫ଟି ଶୀତତାପ ନିୟନ୍ତ୍ରିତ ଓ ୧୦ଟି ଡିଜେଲ ମୋବସ ପହଞ୍ଚି ସାରିଛି। ବ୍ରହ୍ମପୁରରେ ଆଗକୁ ୮୦ରୁ ଅଧିକ ମୋ ବସ ଚାଲିବାକୁ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୨୫ଟି ଶୀତତାପ ନିୟନ୍ତ୍ରିତ ବସ ଚାଲିବ। ଖୁବଶୀଘ୍ର ବର୍ତ୍ତମାନର ସମସ୍ତ ୧୦ଟି ଡିଜେଲ ବସ ମଧ୍ୟ ବଦଳିବ। ସବୁଠାରୁ ବଡ଼ କଥା ହେଲା ଏଠାରେ ଚାଲିବାକୁ ଥିବା ସମସ୍ତ ବସ ଏସି ଓ ଇଲେକ୍ଟ୍ରିକ ଚାଳିତ ରହିବ। ଫଳରେ ପ୍ରଦୂଷଣକୁ ସମ୍ପୂର୍ଣ୍ଣ ଭାବେ ରୋକିବାରେ ସହାୟକ ହେବ। ଅଧିକ ସଂଖ୍ୟକ ବସ ଗୁରଗାଡଁରୁ ବ୍ରହ୍ମପୁର ଅଭିମୁଖେ ବାହାରି ସାରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ବସଗୁଡିକ ଇଲେକ୍ଟ୍ରିକ ଚାଳିତ ହୋଇଥିବାରୁ ପ୍ରଥମ ପର୍ଯ୍ୟାୟରେ ହଳଦିଆପଦର ବସଷ୍ଟାଣ୍ଡରେ ୪କୋଟି ବ୍ୟୟରେ ଟିପିଏସଓଡିଏଲ ଜରିଆରେ ଇ-ଚାରଜିଙ୍ଗ ବ୍ୟବସ୍ଥା କରାଯାଇଛି। ଆଗକୁ ଛତ୍ରପୁର ଓ ଗୋପାଳପୁର ବସଷ୍ଟାଣ୍ଡରେ ମଧ୍ୟ ଅନୁରୂପ ବ୍ୟବସ୍ଥା କରାଯିବ। ମୋ ବସର ଯାତ୍ରୀଙ୍କ ସୁବିଧା ପାଇଁ ପ୍ଲେ ଷ୍ଟୋରରେ ସ୍ୱତନ୍ତ୍ର ଆପ ରହିଛି। ଏହାକୁ ଡାଉନଲୋଡ଼ କରି ମୋ ବସ ସେବା ସମ୍ପର୍କିତ ବିସ୍ତୃତ ତଥା ସମ୍ପୂର୍ଣ୍ଣ ତଥ୍ୟ ଅତି ସହଜରେ ସେ ପୁଣି ହାତପାଆନ୍ତାରେ ଯେ କେହି ହାସଲ କରିପାରିବେ। ବ୍ରହ୍ମପୁର ସହର ଓ ଉପକଣ୍ଠରେ ପୂର୍ବରୁ 'ଗଟସେଲ' ବା ଗଂଜାମ ଅର୍ବାନ ଟ୍ରାନ୍ସପୋର୍ଟ ସର୍ଭିସ ଲିମିଟେଡ଼ କମ୍ପାନୀ ପକ୍ଷରୁ ବସ ସେବା ଉପଲବ୍ଧ ହେଉଥିବା ବେଳେ କ୍ରମଶଃ ଏହାର ସ୍ଥାନ 'କ୍ରୁଟ' ବା କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ ଲିମିଟେଡ଼ କମ୍ପାନୀର ମୋ ବସ। ପ୍ରଥମ ପର୍ଯ୍ୟାୟରେ ସମାନ୍ତରାଳ ଭାବେ ସହରରେ ଉଭୟ ବସ ସେବା ଯାତ୍ରୀଙ୍କ ପାଇଁ ଉପଲବ୍ଧ ହେବ। ପ୍ରଥମେ ସହରରେ ଯେଉଁ ରୁଟରେ ସିଟି ବସ ବା 'ଗଟସେଲ' ବସ ଯାଉନାହିଁ ସେହି ସବୁ ୪ଟି ରୁଟରେ ଗଡିବ ମୋ ବସ। ଯଥା ହଳଦିଆପଦର ବସଷ୍ଟାଣ୍ଡଠାରୁ ଅନ୍ଧ ପସରା ରୋଡ଼ ଆମ୍ବ ମାର୍କେଟ ଦେଇ ଫାଷ୍ଟଗେଟ ପର୍ଯ୍ୟନ୍ତ, ବ୍ରହ୍ମପୁର ନୂଆ ବସଷ୍ଟାଣ୍ଡଠାରୁ ଆମ୍ବପୁଆ, ଖୋଡାସିଙ୍ଗି କମାପଲ୍ଲୀ ଦେଇ ପୁରୁଣା ବସଷ୍ଟାଣ୍ଡ, ବ୍ରହ୍ମପୁର ରେଳ ଷ୍ଟେସନଠାରୁ କମାପଲ୍ଲୀ, ନୂଆ ବସଷ୍ଟାଣ୍ଡ, ରେଡ଼ିଓ ଷ୍ଟେସନ ଦେଇ ଗୁରୁଣ୍ଟି ଏବଂ ବ୍ରହ୍ମପୁର ନୂଆ ବସଷ୍ଟାଣ୍ଡଠାରୁ ଗେଟ ବଜାର, କମାପଲ୍ଲୀ ଓ ମାଣ୍ଡିଆପଲ୍ଲୀ ଦେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦିଗରେ ଯାତ୍ରା କରିବ। କ୍ରମଶଃ ରୁଟ ଓ ବସ ସଂଖ୍ୟା ବୃଦ୍ଧି ପାଇବ। ଏହି ଯାତ୍ରୀସେବା ପୂର୍ବାହ୍ନ ୬ଟା ଠାରୁ ରାତି ୯ଟା ପର୍ଯ୍ୟନ୍ତ ନିୟମିତ ତଥା ଦୈନିକ ଉପଲବ୍ଧ ହେବ। ପ୍ରତି ୧୫ମିନିଟ ବ୍ୟବଧାନରେ ନିର୍ଦ୍ଧାରିତ ରୁଟରେ ବସ ଚଳାଚଳ କରିବ। ସବୁଠାରୁ ବଡ଼ କଥା ହେଲା ମୋ ବସ ଆପ ଜରିଆରେ ସିଟର ସ୍ଥିତି ସହ ବୁକିଂ କରାଯାଇ ପାରିବ। ବସର ସ୍ଥିତି ଟ୍ରାକିଂ କରି ଜାଣିହେବ। ୫ଶହ ଟଙ୍କା ମୂଲ୍ୟର ସିଜନ ଟିକେଟ ନେଇ ୭ଶହ ଟଙ୍କା ଓ ୧ହଜାର ଟଙ୍କାର ଟିକେଟରେ ୧୫ଶହ ଟଙ୍କା ପର୍ଯ୍ୟନ୍ତ ଭ୍ରମଣ କରିବାର ସୁବିଧା ମଧ୍ୟ ରହିଛି। ବର୍ତ୍ତମାନ ଆସିଥିବା ଏସି ବସ ଗୁଡିକ ୩୩ସିଟ ବିଶିଷ୍ଟ ଥିବା ବେଳେ ଡିଜେଲ ବା ନନଏସି ବସରେ ସିଟ ସଂଖ୍ୟା ୨୭ରହିଛି। ଆଗକୁ ସମସ୍ତ ବସ ଏଲେକ୍ଟ୍ରିକ ଚାଳିତ ଓ ଶୀତତାପ ନିୟନ୍ତ୍ରିତ ରହିବ ବୋଲି କ୍ରୁଟର ମହା ପ୍ରବନ୍ଧକ ସଞ୍ଜୟ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି। ଗ୍ରାମାଞ୍ଚଳରେ ଲକ୍ଷ୍ମୀ ବସ ସେବା ଆରମ୍ଭ ହେବା ପରେ ବ୍ରହ୍ମପୁର ସହର ସମେତ ସମଗ୍ର ଗଞ୍ଜାମ ଜିଲ୍ଲାର ସହରାଞ୍ଚଳ ଲୋକେ ସଡକ ପଥରେ ମୋ ବସ ସେବାର ସୁଯୋଗ ନେବାକୁ ଦୀର୍ଘ ଦିନରୁ ଅପେକ୍ଷା କରିଛନ୍ତି। ଏହା ଆରମ୍ଭ ହେଲେ ଲୋକେ ବେଶ ଉପକୃତ ହୋଇପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।





- କାର୍ଯ୍ୟକ୍ଷମ ହେବ ହଳଦିଆପଦର ବସ୍‌ଷ୍ଟାଣ୍ଡ
- ପ୍ରଥମ ପର୍ଯ୍ୟାୟରେ ପହଞ୍ଚିଲା ୫ଟି ଏସି ଓ ୧୦ଟି ନନ୍‌ଏସି ବସ୍
- ପ୍ରଥମ ପର୍ଯ୍ୟାୟରେ ୪ଟି ରୁଟ୍‌ରେ ନିୟମିତ ବ୍ୟବଧାନରେ ଚାଲିବ ୧୪ଟି ବସ୍
- ସକାଳ ୬ଟାରୁ ରାତି ୯ ପର୍ଯ୍ୟନ୍ତ ଉପଲବ୍ଧ ହେବ ଯାତ୍ରୀସେବା



## ଜିଲ୍ଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ପାଳିତ



ବ୍ରହ୍ମପୁର,୨୮।୨(ସମିସ): ସ୍ଥାନୀୟ ମିଲିଟାରୀ ଲେନ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଜିଲ୍ଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରିଣୀ ଅମିତା ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରରେ ଜିଲ୍ଲାର ସମସ୍ତ ବ୍ଲକରୁ ବିଦ୍ୟାର୍ଥୀମାନେ ଅଂଶଗ୍ରହଣ କରିଥିଲେ। ଏ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ବିଜ୍ଞାନ କୁଇଜ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏଥିରେ ୫୩ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉକ୍ତ ପ୍ରତିଯୋଗୀତାରେ ଛଣମେରୀ ଆଦର୍ଶ ବିଦ୍ୟାଳୟର ସ୍ମୃତିରେଖା ପଣ୍ଡା ପ୍ରଥମ ସ୍ଥାନ, ଚମାଖଣ୍ଡି ଆଦର୍ଶ ବିଦ୍ୟାଳୟର ଆର. ଆଦିତ୍ୟ କୁମାର ଦ୍ୱିତୀୟ ସ୍ଥାନ ଏବଂ ଶତ୍ରୁସ୍ରୋଳ ଆଦର୍ଶ ବିଦ୍ୟାଳୟର ଅସିତ କୁମାର ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହା ସହ ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜେଶ କୁମାର ପ୍ରଧାନ, ମେଡିକାଲ କ୍ୟାମ୍ପସ ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଡ଼. ପ୍ରଭାତି ମହାପାତ୍ର ଅତିଥି ରୂପେ ଯୋଗ ଦେଇ ବର୍ତ୍ତମାନ ଯୁଗରେ ସମାଜରେ ବିଜ୍ଞାନର ଆବଶ୍ୟକତା ଓ ଗୁରୁତ୍ୱ ଉପରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ବିଜ୍ଞାନ ନିରିକ୍ଷକ ରାମଚନ୍ଦ୍ର ମହାରଣା ସଂଯୋଜନା କରିଥିବା ବେଳେ ପ୍ରଧାନ ଶିକ୍ଷକ ବିଷ୍ଣୁ ପ୍ରସାଦ ତ୍ରିପାଠୀ ବିଚାରକ ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ କିଶୋର କୁମାର ବେହେରା, ସୁଧାଂସୁ ଶେଖର ମୁଦୁଲି, କୁରେଶ ନାୟକ, ରାମା ରାଓ ଉପସ୍ଥିତ ଥିଲେ।

## ରେକର୍ଡ କଲା ସତ୍ୟଙ୍କ କ୍ଷୁଦ୍ର ରାମ ମନ୍ଦିର



ବ୍ରହ୍ମପୁର,୨୮।୨(ସମିସ): ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ଦ୍ୱାରା କାଠରେ ନିର୍ମିତ ବିଶ୍ୱର ସବୁଠାରୁ ଛୋଟ ରାମ ମନ୍ଦିର ଏସିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଛି। ସତ୍ୟଙ୍କ ଦ୍ୱାରା ନିର୍ମିତ ହୋଇଥିବା ସୂକ୍ଷ୍ମ କଳାକୃତି ଯାହାର ଉଚ୍ଚତା ୨ସିଏମ ଏବଂ ଓସାର ୫ଏମଏମ ରହିଛି। ଅଯୋଧ୍ୟାଠାରେ ଶ୍ରୀ ରାମ ଲାଲଙ୍କ ମନ୍ଦିର ପ୍ରତିଷ୍ଠା ସମୟରେ ଏହି କଳାକୃତି ନିର୍ମାଣ କରିଥିଲେ ସତ୍ୟ। ତାହା ଅବିକଳ ଅଯୋଧ୍ୟାର ମନ୍ଦିର କରି ରହିଥିଲା। ଯାହା ଇଣ୍ଡିଆ ବୁକ ଅଫ ରେକର୍ଡସରେ ସ୍ଥାନ ପାଇଥିଲା। ଏହି କଳାକୃତି ଆଗାମୀ ଦିନରେ ଅନେକ ବୁକ୍ ଅଫ୍ ରେକର୍ଡସ୍ ସ୍ଥାନ ପାଇବ ବୋଲି ଆଶା ରଖିଛନ୍ତି ଶିଳ୍ପୀ ସତ୍ୟ କହିଛନ୍ତି।

● ଅଲ୍ ଇଣ୍ଡିଆ ବିଜୁପଟ୍ଟନାୟକ ମେମୋରିଆଲ ଫ୍ଲଡ୍ ନାଇଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ବାଲେଶ୍ୱର 'ୟୁ ଆଣ୍ଡ ମି' କ୍ରିକେଟ କ୍ଲବ୍ ଚାମ୍ପିଅନ

ବ୍ରହ୍ମପୁର,୨୮।୨(ସମିସ): ସ୍ଥାନୀୟ ବ୍ରହ୍ମପୁର ଷ୍ଟାଡିୟମଠାରେ ୧୪ତମ ଅଲ ଇଣ୍ଡିଆ ବିଜୁ ପଟ୍ଟନାୟକ ମେମୋରିୟାଲ ଡେ ନାଇଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ, ରାଜ୍ୟ ଯୋଜନା ବୋଡର୍ ସଦସ୍ୟ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ରାଜ୍ୟ କାଜୁ ନିଗମ ଅଧକ୍ଷ ସୁବାଷ ଚନ୍ଦ୍ର ମହାରଣା, ଅର୍ବାନ ବ୍ୟାଙ୍କ ସଭାପତି ଆର. ମୁରଲୀ ମୋହନ, ଜିଲ୍ଲା କ୍ରିକେଟ ଆସୋସିଏସନ ସମ୍ପାଦକ ଅଶୋକ କୁମାର ସାହୁ, କର୍ପୋରେଟର ସୁରେନ୍ଦ୍ର ମହାରଣା, ଗଞ୍ଜାମ ଜିଲ୍ଲା କ୍ରିକେଟ ସଂଘର କୋଷାଧ୍ୟକ୍ଷ ରମୁଣୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଜଗନ୍ନାଥ ମିଶ୍ର, ଆଇନଜୀବୀ ସୁଧୀର କୁମାର ପାତ୍ର, କର୍ପୋରେଟର ତ୍ରିପତି ପାତ୍ର, ଆଲଫା ସ୍ପୋର୍ଟିଂ କ୍ଲବ ସମ୍ପାଦକ ବିଜୟ ଭାସ୍କର ସିଂ ସାମନ୍ତ ଉପସ୍ଥିତ ଥିଲେ। ମ୍ୟାଚରେ ଚାମ୍ପିୟନ ହୋଇଥିବା ବାଲେଶ୍ୱର 'ୟୁ ଆଣ୍ଡ ମି' କ୍ରିକେଟ କ୍ଲବକୁ ଟ୍ରଫି ସହ ୧ଲକ୍ଷ ଟଙ୍କା ଅର୍ଥ ରାଶି ପ୍ରଦାନ କରିଥିବା ବେଳେ ରନର ହୋଇଥିବା ରାଉଲକେଲା ଆରୱାଇସିସି ଟିମକୁ ଟ୍ରଫି ପ୍ରଦାନ କରାଯିବା ସହ ୬୦ହଜାର ଟଙ୍କା ଅର୍ଥ ରାଶି ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରାଉଲକେଲା ଆରୱାଇସିସି ଟିମ ବନାମ ବାଲେଶ୍ୱର ୟୁ ଆଣ୍ଡ ମି କ୍ରିକେଟ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଥିଲା। ଏଥିରେ ରାଉରକେଲା ଆରୱାଇସିସି ଟିମ ଟସ ଜିତି ପ୍ରଥମେ ବୋଲିଂର ନିଷ୍ପତ୍ତି ନେଇଥିଲେ। ସେହିପରି ବାଲେଶ୍ୱରର ୟୁ ଆଣ୍ଡ ମି ଦଳ ନିର୍ଦ୍ଧାରିତ ୨୦ଓଭର ମ୍ୟାଚ ଖେଳି ୭ ୱିକେଟ ହରାଇ ୧୯୦ରନ କରିଥିଲେ। ଦଳ ପକ୍ଷରୁ ଅରବିନ୍ଦ ସିଂ ୪୫ବଲ ଖେଳି ୬୩ରନ ଓ ପି. ସୋମେଶ୍ୱର ରାଓ ୨୯ବଲ ଖେଳି ୪୬ରନ କରିଥିଲେ। ରାଉରକେଲା ଆରୱାଇସିସି ଟିମ ପକ୍ଷରୁ ବୋଲିଂରେ ସୋମିୟ ଲେଙ୍କା ୩ଓଭରରେ ୨୩ରନ ଦେଇ ୨ଟି ୱିକେଟ ଅକ୍ତିହାର କରିଥିଲେ । ଜବାବରେ ରାଉରକେଲାର ଆରୱାଇସିସି ଟିମ ୧୯ଓଭର ୫ଟି ବଲ ଖେଳି ସମସ୍ତ ୱିକେଟ ହରାଇ ୧୫୬ରନ କରିଥିଲେ। ଦଳ ପକ୍ଷରୁ ବିପ୍ଳବ ସାମନ୍ତରାୟ ୨୧ବଲ ଖେଳି ୩୨ରନ କରିଥିଲେ। ବାଲେଶ୍ୱର ୟୁ ଆଣ୍ଡ ମି ପକ୍ଷରୁ ବୋଲିଂରେ ପି. ସୋମେଶ୍ୱର ରାଓ ୪ଓଭରରେ ୨୬ରନ ଦେଇ ୪ଟି ୱିକେଟ ଓ ଶେଖର ମାଝୀ ୪ଓଭରରେ ୩୦ରନ ଦେଇ ୨ଟି ୱିକେଟ ଅକ୍ତିହାର କରିଥିଲେ। ଏହି ମ୍ୟାଚକୁ ବାଲେଶ୍ୱର ୟୁ ଆଣ୍ଡ ମି ୩୪ରନରେ ବିଜୟୀ ଲାଭ କରିଥିଲା। ମ୍ୟାଚରେ ବାଲେଶ୍ୱର ୟୁ ଆଣ୍ଡ ମି ଟିମର ପି. ସୋମେଶ୍ୱର ରାଓଙ୍କୁ ପ୍ଲେୟାର ଅଫ ମ୍ୟାଚ, ମେନ ଅଫ ଦି ସିରିଜ ଓ ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ବିବେଚିତ କରାଯାଇଥିବା ବେଳେ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ପ୍ରଦାନ କରାଯାଇଥିଲା। ସେହିପରି ଅଲଫା ସ୍ପୋର୍ଟିଂ କ୍ଲବର ସମୀର ସାହୁଙ୍କୁ ବେଷ୍ଟ ବୋଲର ଭାବେ ପୁରସ୍କୃତ କରାଯାଇଛି। ଅନୁଷ୍ଠିତ ମ୍ୟାଚରେ ଏମ୍ପାୟାର ସୋମେନ୍ଦ୍ର ପାତ୍ର ଓ ଆଶୁତୋଷ ପାଣି ଖେଳକୁ ପରିଚାଳନା କରିଥିବା ବେଳେ ଥାଡର୍ ଏମ୍ପାୟାର ଭାବେ ସୁଶାନ୍ତ ପଣ୍ଡା ରହିଥିଲେ। ମ୍ୟାଚରେ ସ୍କୋରର ଭାବେ ସୁଶୀଲ କୁମାର ସୁନ୍ଦରାୟ ଏବଂ କମେଣ୍ଟ୍ରି ଭାବେ ବୁବୁ ସିନ୍ହା ଓ ପ୍ରସନ୍ନ ପାଢ଼ୀ କାର୍ଯ୍ୟ କରିଥିଲେ।




ରାଉଲକେଲା ଆରୱାଇସିସି ଟିମ୍ ଉପବିଜେତା

## ଗଞ୍ଜାମକୁ ପୁଣି ମିଳିଲା ୮ଟି ସ୍ୱତନ୍ତ୍ର ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଆମ୍ବୁଲାନ୍ସ

## ଆମ୍ବୁଲାନ୍ସ ସଂଖ୍ୟା ୨୨କୁ ବୃଦ୍ଧି, ସହଜ ହେବ ପ୍ରାଣୀଧନ ସେବା

ବ୍ରହ୍ମପୁର,୨୮।୨(ସମିସ): ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୧୩୩ଟି ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଆମ୍ବୁଲାନ୍ସର ଶୁଭାରମ୍ଭ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେଥିମଧ୍ୟରୁ ଗଞ୍ଜାମ ଜିଲ୍ଲାକୁ ପୁଣି ଥରେ ୮ଟି ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଆମ୍ବୁଲାନ୍ସ ମିଳିଛି। ଏଗୁଡିକୁ ଜିଲ୍ଲାର ବିଭିନ୍ନ ଉପଖଣ୍ଡରେ ଉଭୟ ସହର ଓ ଗ୍ରାମାଞ୍ଚଳର ପଶୁପକ୍ଷୀଙ୍କ ଚିକିତ୍ସା ସେବାରେ ବ୍ୟବହାର କରାଯିବ। ସେଥି ମଧ୍ୟରୁ ବ୍ରହ୍ମପୁର ଉପଖଣ୍ଡର ପାତ୍ରପୁର ଓ କୁକୁଡ଼ାଖଣ୍ଡିକୁ ଗୋଟିଏ ଲେଖାଏଁ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଆମ୍ବୁଲାନ୍ସ ମିଳିଥିବା ବେଳେ ଭଞ୍ଜନଗର ଉପଖଣ୍ଡର ବେଲଗୁଣ୍ଠା, ବୁଗୁଡ଼ା ଓ ଧରାକୋଟକୁ ଗୋଟିଏ ଲେଖାଏଁ ଆମ୍ବୁଲାନ୍ସ ମିଳିଛି। ସେହିପରି ପୁରୁଷୋତ୍ତମପୁର, ବେଗୁନିଆପୋଡ଼ା ଓ ଗଞ୍ଜାମକୁ ଗୋଟିଏ ଲେଖାଏଁ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଆମ୍ବୁଲାନ୍ସ ମିଳିଥିବା ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ଡ଼ା. ମନୋଜ ସାହୁ କହିଛନ୍ତି। ଏସବୁ ବିଭିନ୍ନ ଉପଖଣ୍ଡ ଅଧୀନରେ ଥିବା ଗ୍ରାମାଞ୍ଚଳ ଓ ସହରମାନଙ୍କରେ ବୁଲି ଅସୁସ୍ଥ ପଶୁପକ୍ଷୀଙ୍କୁ ଉପଯୁକ୍ତ ତଥା ସମୟୋପଯୋଗୀ ଚିକିତ୍ସାସେବା ଯୋଗାଇବ। ଏଥିରେ ଲାଗିଥିବା ଗ୍ଲୋବାଲ୍ ପୋଜିସନିଂ ସିଷ୍ଟମ(ଜିପିଏସ) ଜରିଆରେ ୟୁନିଟ ଗୁଡିକ କେଉଁ କେଉଁ ସ୍ଥାନରେ କାର୍ଯ୍ୟକରୁଛି ଓ ସେମାନଙ୍କର ଗତିବିଧି ଉପରେ ନଜର ରଖାଯାଇପାରିବ। ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଆମ୍ବୁଲାନ୍ସ ଗୁଡ଼ିକ ଉପଖଣ୍ଡ ପ୍ରାଣୀ ଚିକିତ୍ସାଳୟରେ ରହି ସେବା ଯୋଗାଇବ। ପ୍ରତି ୟୁନିଟରେ ଜଣେ ଡ୍ରାଇଭରଙ୍କ ସମେତ ଜଣେ ପ୍ରାଣୀ ଚିକିତ୍ସକ ରହିବେ। ଏହା ସହ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଆମ୍ବୁଲାନ୍ସ ଯେଉଁ ଅଞ୍ଚଳକୁ ଚିକିତ୍ସା ନିମନ୍ତେ ଯିବ ସେହି ଅଞ୍ଚଳର ଏଲଆଇ ଉପସ୍ଥିତ ରହି ସହଯୋଗ କରିବେ ବୋଲି ଡ଼ା. ସାହୁ କହିଛନ୍ତି। ପଶୁପକ୍ଷୀଙ୍କ ଚିକିତ୍ସାରେ ପ୍ରାୟ ୨୦ରୁ ୨୫ପ୍ରକାରର ଆବଶ୍ୟକ ପରିମାଣ ଔଷଧ ମହଜୁଦ ରହିବ। ଏହି ଭ୍ୟାନରେ ସାଧାରଣ ଚିକିତ୍ସାଠାରୁ ଆରମ୍ଭ କରି ଜଟିଳ ଅସ୍ତ୍ରୋପଚାର, ଟିକାକରଣ ଏବଂ ନିଦାନ ସେବା ଉପଲବ୍ଧ ରହିଛି। ଗୃହପାଳିତ ପଶୁପକ୍ଷୀଙ୍କ ସମେତ ରାସ୍ତାଘାଟରେ ବିଚରଣ କରୁଥିବା ପଶୁପକ୍ଷୀଙ୍କ ଚିକିତ୍ସାରେ ମଧ୍ୟ ଏହି ୟୁନିଟ ବ୍ୟବହାର କରାଯିବ। ପଶୁପକ୍ଷୀଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଆନିମଲ ହେଲ୍ପଲାଇନ ନମ୍ବର ୧୯୬୨ଜରିଆରେ ପଶୁପକ୍ଷୀଙ୍କ ସ୍ୱାସ୍ଥ୍ୟଗତ ତଥା ଦୁର୍ଘଟଣା ଜନିତ ଆହତ ସମ୍ପର୍କିତ ସୂଚନା ମିଳିଲେ ଭ୍ରାମ୍ୟମାଣ ୟୁନିଟ୍ ସେଠାରେ ପହଞ୍ଚି ଚିକିତ୍ସାସେବା ଯୋଗାଇବ। ପୂର୍ବରୁ ଗଞ୍ଜାମ ଜିଲାକୁ ୧୪ଟି ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଆମ୍ବୁଲାନ୍ସ ମିଳିଥିଲା। ସେଗୁଡ଼ିକୁ ବ୍ରହ୍ମପୁର ଉପଖଣ୍ଡକୁ ୪ଟି, ଛତ୍ରପୁର ଓ ଭଞ୍ଜନଗର ଉପଖଣ୍ଡକୁ ୫ଟି ଲେଖାଏଁ ୟୁନିଟ ପ୍ରଦାନ କରାଯାଇଛି। ବର୍ତ୍ତମାନ ପୁଣି ୮ଟି ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଆମ୍ବୁଲାନ୍ସ ମିଳିଥିବା ବେଳେ ଜିଲ୍ଲାରେ ବର୍ତ୍ତମାନ ତାହା ମୋଟ ୨୨କୁ ବୃଦ୍ଧି ହୋଇଛି। ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଆମ୍ବୁଲାନ୍ସ ଗୁଡ଼ିକ ବିଭିନ୍ନ ଯାହାଫଳରେ ଜିଲ୍ଲା ମୁଖ୍ୟାଳୟ ଠାରୁ ଦୂର ଗ୍ରାମରେ ଥିବା ପ୍ରାଣୀଧନ ପାଳକ ତଥା ଚାଷୀମାନଙ୍କୁ ଆଉ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ଏହା ସହ ସଠିକ ସମୟରେ ଗୃହପାଳିତ ପଶୁପକ୍ଷୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ସହ ଗ୍ରାଉଣ୍ଡ ଜିରୋରେ ହିଁ ଚିକିତ୍ସାସେବା ମିଳିପାରିବ।

## ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ପକ୍ଷରୁ ଆର୍‌ଡିସିଙ୍କୁ ଦାବିପତ୍ର



ବ୍ରହ୍ମପୁର,୨୮।୨(ସମିସ): ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ପକ୍ଷରୁ ବୁଧବାର ରାଜସ୍ୱ କମିଶନର(ଆରଡିସି)ଙ୍କ ଜରିଆରେ ମୁଖ୍ୟମନ୍ତ୍ରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆରଡିସିଙ୍କ ଅନୁପସ୍ଥିତ କାରଣକୁ ଅନୁସଚିବ ପାର୍ବତୀ ମଞ୍ଜରୀ ମହାଳିକଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା। ରାଜ୍ୟର ପ୍ରାୟ ୩ଲକ୍ଷ ୫୦ହଜାରରୁ ଉଦ୍ଧର୍ ସରକାରୀ ଅବସର ପ୍ରାପ୍ତ କର୍ମଚାରୀ ଓ ଶିକ୍ଷକମାନଙ୍କୁ ସ୍ୱାସ୍ଥ୍ୟ ଭତ୍ତା ପ୍ରଦାନ, ୭ମ ବେତନ କମିଶନଙ୍କ ସୁପାରିଶକୁ ଅବିକଳ ଗ୍ରହଣ କରି ପେନସନ୍ ପୁନଃ ନିର୍ଦ୍ଧାରଣ ଓ ଅତିରିକ୍ତ ପେନସନ ବୃଦ୍ଧି ୬୫ବର୍ଷ ବୟସରୁ ନିର୍ଦ୍ଧାରଣ ଭଳି ବିଭିନ୍ନା ଦାବି ରହିଛି। ଏନେଇ ସଂଘ ପକ୍ଷରୁ ବାରମ୍ବାର ଦାବି କରାଯାଇଥିବା ବେଳେ ସେମାନଙ୍କ ଦାବିକୁ ଗୁରୁତ୍ୱ ଦିଆ ଯାଉନଥିବା ବେଳେ ସେମାନଙ୍କ ଦାବି ପୁରଣ କାଯାଉନଥିବା ସଂଘ ପକ୍ଷରୁ ଏଠାରେ ଅଭିଯୋଗ କରାଯାଇଥିଲା। ଏହା ସହ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବା ପୂର୍ବରୁ ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ଓ ଶିକ୍ଷକ ମାନଙ୍କର ସମାଧାନ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶ କରିବା ପାଇଁ ଦାବିପତ୍ରରେ ଅନୁରୋଧ କରାଯାଇଥିଲା। ଦାବିପତ୍ର ଦେବା ସମୟରେ ସଂଘର ଜିଲ୍ଲା ସଭାପତି କାମରାଜୁ ମହାରଣାଙ୍କ ନେତୃତ୍ୱରେ ରାଜ୍ୟ ସଂପାଦକ ଶ୍ୟାମ ସୁନ୍ଦର ଖାଡଙ୍ଗା, ଉପଦେଷ୍ଟା ରାଜେନ୍ଦ୍ର କୁମାର ପଣ୍ଡା, କାର୍ଯ୍ୟକାରୀ ସଭାପତି କେ.କୃଷ୍ଣମୂର୍ତ୍ତି, ସଂପାଦକ ପ୍ରଦୀପ କୁମାର ସାହୁ, ସୁବାଷ ଚନ୍ଦ୍ର ମିଶ୍ର, କବିରାଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେପିକୁ ରାହୁ ଦଶା ! ଦଳ ଛାଡୁଛନ୍ତି ପୁରୁଖା ନେତା

# ଇସ୍ତଫା ଦେଲେ ଯୁବନେତା ଶୁଭାଶିଷ ସାହୁ

ବ୍ରହ୍ମପୁର,୨୮।୨(ସମିସ)

ଗଞ୍ଜାମ ଜିଲ୍ଲା ବିଜେପିର ଦଶା ଖରାପ ଥିବା ନେଇ ଆଲୋଚନା ହେଉଛି। କାରଣ ଦଳର ଜାତକରେ ରାହୁ ଗ୍ରାସ କରିଛି। ଜଣକ ପରେ ଜଣେ ପୁରୁଖା ନେତା ଏବେ ବିଜେପି ଛାଡୁଛନ୍ତି। କେହି କେହି ଜିଲ୍ଲା ସଭାପତି ଓ ପଦାଧିକାରୀଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରୁଥିବା ବେଳେ ଆଉ କିଛି ନେତା ସିଧାସଳଖ ଜନବିରୋଧି ନେତା ପ୍ରଦୀପ ପାଣିଗ୍ରାହିଙ୍କୁ ଟାର୍ଗେଟ କରୁଛନ୍ତି। କହିବାକୁ ଗଲେ ପ୍ରଦୀପ ବିଜେପିରେ ସାମିଲ ହେବା ପରେ ଆଗ ଧାଡ଼ିର ବହୁନେତା ଓ ସେମାନଙ୍କ ସମର୍ଥକ ଏବେ ଦଳ ଛାଡୁଛନ୍ତି। ଫଳରେ ଗଞ୍ଜାମ ବିଜେପି ଏବେ ସଂକଟରେ ପଡ଼ିଛି। ଗତ ଦୁଇଦିନ ପୂର୍ବେ ବ୍ରହ୍ମପୁର ମହାନଗର ନିଗମର ୪ଜଣ ବିଜେପି କର୍ପୋରେଟର ଦଳ ଛାଡ଼ି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଏହାର ଦୁଇଦିନ ନବିତୁଣ୍ଣ ପୁଣି ଗୋପାଳପୁର ନିର୍ବାଚନ ମଣ୍ଡଳୀର ବିଜେପି ଯୁବନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭାଶିଷ ସାହୁ (ବଣ୍ଟି) ଦଳର ପ୍ରାଥମିକ ସଦସ୍ୟତା ପଦରୁ ଇସ୍ତଫା ଦେଇଛନ୍ତି। ଯାହାକୁ ନେଇ ଏବେ ଚିନ୍ତାରେ ଜିଲ୍ଲା ବିଜେପି। ନୂତନ ଭାବେ ଦାୟିତ୍ୱ ନେଇଥିବା ଜିଲ୍ଲା ସଭାପତିଙ୍କ କାର୍ଯ୍ୟକାଳରେ ଦଳ ଛଡ଼ା ପର୍ବ ସମସ୍ତଙ୍କୁ ଚକିତ କରିଛି। ସୂଚନା ଅନୁସାରେ ବୁଧବାର ବିଜେପିରୁ ଇସ୍ତଫା ଦେଇଥିବା ଶୁଭାଶିଷ ସାହୁ ଗୋପାଳପୁର ନିର୍ବାଚନ ମଣ୍ଡଳୀର ଜଣେ ଟାଣୁଆ ଓ ପୁରୁଖା ଯୁବନେତା ଥିଲେ। ଗତ ପଞ୍ଚାୟତ ନିର୍ବାଚନରେ ସେ ୫୪ନଂ ଜୋନରେ ବିଜେପି ଦଳ ପକ୍ଷରୁ ଜିଲ୍ଲା ପରିଷଦ ସଭ୍ୟ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ଅଞ୍ଚଳବାସୀଙ୍କ ଆଶୀର୍ବାଦରେ ସ୍ୱଳ୍ପ ଭୋଟ ବ୍ୟବଧାନରେ ପରାସ୍ତ ହୋଇଥିଲେ। ସମ୍ପ୍ରତି ବଣ୍ଟି ବିଜେପି ଦଳ ପରିତ୍ୟାଗ କରିଛନ୍ତି। ଏନେଇ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି ଯେ, ଗୋପାଳପୁର ବିଜେପି ଜନବିରୋଧି କାର୍ଯ୍ୟକୁ ଓ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସମର୍ଥନ କରୁଛି। ସ୍ୱାଭିମାନର ସହ ସାଲିସବିହୀନ ନେତା ଓ କର୍ମୀଙ୍କୁ ଅଣଦେଖା କରୁଛି ଦଳ। ୨୦୨୪ମସିହା ଠାରୁ ବଣ୍ଟି ଗୋପାଳପୁର ନିର୍ବଚନ ମଣ୍ଡଳୀର ଉନ୍ନତି ପାଇଁ ସଂଗ୍ରାମ କରୁଥିଲେ। ସ୍ୱାର୍ଥ ବିହୀନ ଲଢେଇ ଜାରି ରଖି ବିଜେପି ଦଳରେ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରୁଥିଲେ। ହେଲେ ମୁଖ୍ୟମନ୍ତ୍ରୀଙ୍କ ଆର୍ଶୀବାଦରୁ ଗୋପାଳପୁର ନିର୍ବଚନ ମଣ୍ଡଳୀରୁ ୩ଥର ବିଜୟ ଲାଭ କରିଥିବା ନେତା ତଥା ବିଧାୟକ ପ୍ରଦୀପ ପାଣିଗ୍ରାହୀ କ୍ଷମତାର ଅପବ୍ୟବହାର କରୁଥିଲେ। ଲୋକଙ୍କ ପ୍ରତି ବିଶ୍ୱାସଘାତକତା, ଅନ୍ୟାୟ, ଅତ୍ୟାଚାର, ନିଯୁକ୍ତି ଦେବା ନାଁରେ ଠକୁଥିଲେ, ଅଶାନ୍ତ ଓ ଅରାଜକତା ସୃଷ୍ଟି କରୁଥିଲେ। ଏହା ବିରୋଧରେ ବଣ୍ଟି ତାଙ୍କ ଯୁବଶକ୍ତିକୁ ଲଗାଇ ଲଢେଇ କରୁଥିଲେ। ଚାକିରୀ ଦେବି କହି ଅର୍ଥ ଠକେଇ କରିଥିବା ଲୋକ ବିରୋଧରେ ଗୋପାଳପୁର ବିଜେପି ନେତାଙ୍କ ହାତମୁଠାକୁ ଟାଣ କରି ୨୦୧୯ରେ ବିଜେପିର ଭୋଟହାର ବୃଦ୍ଧି କରିବାରେ ବଣ୍ଟିଙ୍କ ଉଦ୍ୟମ ଥିଲା ପ୍ରଶଂସନୀୟ। ଶେଷରେ ଯେଉ ବ୍ୟକ୍ତିଙ୍କ ବିରୋଧରେ ବଣ୍ଟି ଯୁବଶକ୍ତିକୁ ସଂଗଠିତ କରୁଥିଲେ ସେହି ଜନବିରୋଧି ନେତାଙ୍କୁ ବିଜେପି ଆପଣାଇଲା। ଅନ୍ୟପଟେ ସ୍ଥାନୀୟ ବିଜେପି ନେତାଙ୍କ ମନମାନୀ, ଦଳୀୟ ଶୃଙ୍ଖଳାକୁ କଚାଡ଼ି ତାନାସାହୀ କାର୍ଯ୍ୟ ଜାରି ରଖିଥିଲେ। ୨୦୨୨ପଞ୍ଚାୟତ ନିର୍ବାଚନରେ ୫୪ନଂ ଜିଲ୍ଲା ପରିଷଦ ସଭ୍ୟ ଭାବେ ବଣ୍ଟି ଲଢ଼ିବା ସମୟରେ ଦଳ ଭିତରେ ଘରଦିଙ୍କି କୁମ୍ଭୀର ଭଳି ଗଛରେ ଚଢାଇ ମୂଳ ହାଣିବା କାମ କରି ସ୍ଥାନୀୟ ବିଜେପି ନେତାମାନେ ତାଙ୍କୁ ହରାଇଥିବା ବଣ୍ଟି ଅଭିଯୋଗ କରିଛନ୍ତି। ବଣ୍ଟି କହିଛନ୍ତି ଯେ, ଗଞ୍ଜାମ ଜିଲ୍ଲା ବିଜେପି ଜନବିରୋଧି, ଠକ, ଟାଉଟର ଓ କୃତଘ୍ନ ଲୋକଙ୍କୁ ନେଇ ଗୋପାଳପୁର ମାଟିର ସ୍ୱାଭିମାନ ସହ ସାଲିସ କରୁଛି। ଏଭଳି ଦଳରେ ରହି ନିଜ ସ୍ୱାଭିମାନକୁ ଜଳାଞ୍ଜଳି ନଦେଇ ବିଜେପି ଦଳ ପରିତ୍ୟାଗ କରିବା ଶ୍ରେୟ ବୋଲି କହିଛନ୍ତି ବଣ୍ଟି। ଅନ୍ୟପକ୍ଷରେ ବଣ୍ଟି ବିଜେପି ଯୁବମୋର୍ଚ୍ଚାର ସମ୍ପାଦକ, ସାଧାରଣ ସମ୍ପାଦକ ସହ ଯୁବମୋର୍ଚ୍ଚା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟଭାବେ ଏଭଳି ବହୁ ପଦପଦବୀରେ ରହି ଦଳ ପାଇଁ ଦୀର୍ଘ ୧୦ବର୍ଷ କଠିନ ପରିଶ୍ରମ କରିଥିଲେ। ହେଲେ ଗଞ୍ଜାମ ଜିଲ୍ଲା ବିଜେପି ନେତାଙ୍କ ମନମାନୀ, ମେରୀରାୟ ମନୋବୃତ୍ତିରେ କୌଣସି କର୍ମୀପକ୍ଷେ କାମ କରିବା ସମ୍ଭବ ନୁହେଁ। ଏଣୁ ଗୋପାଳପୁର ନିର୍ବଚନ ମଣ୍ଡଳୀର ଜନସାଧାରଣଙ୍କ ସ୍ୱାର୍ଥରକ୍ଷା ପାଇଁ ଯେଉ ରାଜନୈତିକ ଦଳ ଉତ୍ତମ ବିଚାର କରିବ ସେହି ଦଳରେ ସେ ଯୋଗଦେବେ ବୋଲି ବଣ୍ଟି ସୂଚନା ଦେଇଛନ୍ତି। ବଣ୍ଟିଙ୍କ ଦଳତ୍ୟାଗ ବିଜେପି ଦଳ ପାଇଁ ଭାରି ପଡ଼ିବ ନିଶ୍ଚୟ। ବିଗତ ଦିନରେ ବ୍ରହ୍ମପୁରରୁ ୪ଜଣ ବିଜେପି କର୍ପୋରେଟର ଦଳ ଛାଡ଼ିଥିଲେ। ଆଜି ଆଉ ଜଣେ ଯୁବନେତା ବିଜେପିକୁ ବାଏ ବାଏ କରିଛନ୍ତି। ଏଭଳି ସ୍ଥିତି ଯଦି ଜାରି ରହେ ତେବେ ଆଗାମୀ ଦିନରେ ବିଜେପି ପାଖୁଡ଼ା ଶୂନ୍ୟ ହୋଇଯିବ ଓ ଜନ ବିରୋଧୀ ନେତାଙ୍କ କହିବା ପ୍ରକାରେ ଲେଖା ଛିଡିଯିବ ନିଶ୍ଚୟ ଏଥିରେ ଦ୍ୱିମତ ନାହିଁ। ଶୁଭାଶିଷ ତାଙ୍କ ଇସ୍ତଫାପତ୍ର ରାଜ୍ୟ ସଭାପତିଙ୍କ ସମେତ ଅନ୍ୟାନ୍ୟ ଅଧିକାରୀଙ୍କ ନିକଟକୁ ପ୍ରେରଣ କରିଥିବା ଜଣାପଡ଼ିଛି।



- ଜନବିରୋଧୀ ନେତାଙ୍କୁ କୋଳେଇ ପସ୍ତାଇବ କି ବିଜେପି?
- ସଂକଟରେ ଗଞ୍ଜାମ ବିଜେପି, ଚିନ୍ତାରେ ଜିଲ୍ଲା ପଦାଧିକାରୀ
- ପ୍ରଦୀପଙ୍କ ଯୋଗଦାନ ବିଜେପି ପାଇଁ ସାଜିଛି କାଳ
- ପାଖୁଡ଼ା ଶୂନ୍ୟ ହେବ କି ଗଂଜାମରେ ପଦ୍ମ?

## ଅଣ୍ଡା ବଣ୍ଟନ ସମସ୍ୟା

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଅଙ୍ଗନବାଡ଼ି କର୍ମୀ

**ପାରଳାଖେମୁଣ୍ଡି, ୨୮ ।୨(ସମିସ):** ଅଙ୍ଗନବାଡି କେନ୍ଦ୍ରରେ ଅଣ୍ଡା ବଣ୍ଟନ ଓ ଅଣ୍ଡା ରୋଷେଇ ସମ୍ପର୍କରେ ଥିବା ସମସ୍ୟା ନେଇ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ଭେଟି ଅଲ ଓଡ଼ିଶା ଅଙ୍ଗନବାଡି ଲେଡିଜ୍ ୱାର୍କର୍ସ ଆସୋସିଏସନ ଗଜପତି ଜିଲ୍ଲା ଶାଖା ତରଫରୁ ଲିଖିତପତ୍ର ପ୍ରଦାନ କରାଯାଇଛି । ଅଙ୍ଗନବାଡି କେନ୍ଦ୍ରରେ ଚାଲୁରହିଥିବା ଟିଏଚ୍ଆର୍ ଅଣ୍ଡା ବଣ୍ଟନ ଓ ଅଣ୍ଡା ରୋଷେଇ ପାଇଁ ସରକାରଙ୍କ ତରଫରୁ ଅଣ୍ଡା ପ୍ରତି ୪ ଟଙ୍କା ୫୦ ପଇସା ମିଳୁଥିବା ବେଳେ ସ୍ଥାନୀୟ ବଜାରରେ ୭ ରୁ ୮ ଟଙ୍କା ଦେଇ କ୍ରୟ କରିବାକୁ ପଡୁଥିବା ଜଣାଇଛନ୍ତି । ବର୍ତ୍ତମାନ କିଶୋରୀ ବାଳିକା (୧୫ରୁ ୧୯)ଙ୍କୁ ବର୍ଷକୁ ୩୦୦ ଦିନ ଅଣ୍ଡା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ନିର୍ଦ୍ଦେଶନାମା ଅନୁଯାୟୀ ପ୍ରତି କିଶୋରୀଙ୍କୁ ୧୬ଟି ଅଣ୍ଡା ବଣ୍ଟନ କରାଯିବାର ବ୍ୟବସ୍ଥା ରହିଛି । ପୁଣି ଏହାର ମୂଲ୍ୟ ଅଣ୍ଡା ପ୍ରତି ୫ଟଙ୍କା ୧୦ ପଇସା ଧାର୍ଯ୍ୟ ରହିଛି । ତେବେ ସ୍ଥାନୀୟ ବଜାର ଦର ଏବଂ



ସରକାର ଦେଉଥିବା ଅଣ୍ଡା ଦର ମଧ୍ୟରେ ପାଖାପାଖି ଦୁଇରୁ ତିନି ଟଙ୍କା ବ୍ୟବଧାନ ରହୁଛି । ଏପରି ସ୍ଥଳେ ନିଜସ୍ୱ ଅର୍ଥ ଲଗାଣ କରି ଅଣ୍ଡା ଖରିଦ କରୁଥିବା ଅଙ୍ଗନବାଡି କର୍ମୀ ପ୍ରକାଶ କରିଛନ୍ତି । ଏହି ସମସ୍ୟାକୁ ନେଇ ବାରମ୍ବାର ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି । ଏହା ସହ ଉପରିସ୍ଥ ଅଧିକାରୀ ତଥା ସିଡିପିଓ, ସୁପରଭାଇଜର, ଡିଏସଡବ୍ଲ୍ୟୁଓଙ୍କ ଆଲୋଚନା ପରେ ମୌଖିକ ନିର୍ଦ୍ଦେଶନାମା ଅନୁଯାୟୀ ନିଜ ନିଜ କେନ୍ଦ୍ର ପରିସର ଭୁକ୍ତ ଯାଞ୍ଚ କମିଟି ଯଥା ମାତୃ କମିଟି, ୱାର୍ଡ ସଭ୍ୟ ଓ ଅଭିଭାବକଙ୍କୁ ନେଇ ଏକ ବୈଠକ ଡକାଇ ସରକାରଙ୍କ ନିର୍ଦ୍ଧାରିତ ଦରଦାମ ଓ ବଜାରର ବର୍ତ୍ତମାନ ଦରଦାମକୁ ଭଲଭାବରେ ତର୍ଜମା କରି ସବିଶେଷ ଆଲୋଚନା କରାଯାଇଥିଲା । ଆଲୋଚନାରେ ବର୍ତ୍ତମାନ ବଜାର ଦର ଅନୁଯାୟୀ ଯାଞ୍ଚ କମିଟି, ମାତୃ କମିଟି ଓ ଅଭିଭାବକ କମିଟି ଅନୁମୋଦନ କ୍ରମେ କିଶୋରୀଙ୍କୁ ୧୬ଟି ଅଣ୍ଡା ପରିବର୍ତ୍ତେ ୧୦ଟି ଅଣ୍ଡା ବଣ୍ଟନ କରାଯିବ । ସେହପରି ଶିଶୁଙ୍କୁ ୧୨ଟି ଅଣ୍ଡା ପରିବର୍ତ୍ତେ ୭ଟି ଅଣ୍ଡା ବଣ୍ଟନ କରାଯିବ ଏବଂ ରୋଷେଇ କାର୍ଯ୍ୟକ୍ରମରେ ୨୦ ଅଣ୍ଡା ପରିବର୍ତ୍ତେ ୧୧ ଟି ଅଣ୍ଡା ରୋଷେଇ କରାଯିବାକୁ ନିଷ୍ପତ୍ତି ହୋଇଥିବା ଅଙ୍ଗନବାଡି କର୍ମୀ ଜିଲ୍ଲାପାଳଙ୍କୁ ଜଣାଇଛନ୍ତି ।

# ବିଜେଡିର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ




**ଜି.ଉଦୟଗିରି, ୨୮ ।୨(ସମିସ):** ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାର ଲାଭ ସବୁ ପରିବାରକୁ ମିଳୁଛି । ତେଣୁ ଘରେ ଘରେ ବିକାଶ ଦଳଭାବେ ପରିଚିତ । ଏହାକୁ ଦୃଷ୍ଟିରେ ରଖି ବିଜେଡି ତରଫରୁ ଅଧିକ ସଚେତନ କରିବାକୁ ପରିବାର ସମ୍ପର୍କ ଅଭିଯାନରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଜାରି ରହିଛି । ଏହି କ୍ରମରେ ବୁଧବାର ବିଜ୍ଞାପିତ ଅଞ୍ଚଳ ପରିଷଦର ୨ ଓ ୩ ନମ୍ବର ୱାର୍ଡ ଶଙ୍ଖସାହି ଠାରୁ ତେଲି ସାହି ପର୍ଯ୍ୟନ୍ତ ପରିବାର ସମ୍ପର୍କ ଅଭିଯାନରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ନଗର ସଭାପତି ପି. ସଞ୍ଜୀବ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ, ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, ନଗର ମହିଳା ସଭାନେତ୍ରୀ କୃତାଞ୍ଜଳି ନାୟକ, ବିଧାୟକ ପ୍ରତିନିଧି ଅନିଲ ଦଳବେହେରା, ଏନଏସି ଯୁବ ବିଜେଡି ସଭାପତି ବ୍ରହ୍ମାନନ୍ଦ ସାହୁ, କାଉନସିଲର ମୋନାଲିସା ଦଳବେହେରା, ସିଦ୍ଧେଶ୍ୱରୀ ନାୟକ, ଭାରତୀ ବେହେରା, ଲକ୍ଷ୍ମୀପ୍ରିୟା ପରିଚ୍ଛା, ନନ୍ଦିତା ପ୍ରଧାନ, ଦୀପକ କୁମାର ନାୟକ, ବରିଷ୍ଠ କର୍ମୀ ଦେବନାଥ ଦଳବେହେରାଙ୍କ ସମେତ ଦଳୀୟ କର୍ମକର୍ତ୍ତା ଯୋଗ ଦେଇ ନବୀନ ସରକାରଙ୍କ ଜନ କଲ୍ୟାଣ ଯୋଜନା ବିଷୟରେ ପ୍ରତ୍ୟେକ ଘରେ କହିବା, ଉକ୍ତ ଘର ସଦସ୍ୟଙ୍କୁ ବିଜୁ ପରିବାର ସହ ଯୋଡ଼ିବା ସହ ଘରେ ଘରେ ଶଙ୍ଖ ଷ୍ଟିକର ଲଗାଯାଇଥିଲା । ମାର୍ଚ୍ଚ ୫ ତାରିଖ ବିଜୁ ଜୟନ୍ତୀ ପର୍ଯ୍ୟନ୍ତ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ୱାର୍ଡ଼ରେ ଏହି କାର୍ଯ୍ୟକ୍ରମ ଜାରି ରହିବ ।

## ଟ୍ୟାଙ୍କର ଓ କାର୍ ମୁହାଁମୁହିଁ ଧକ୍କା

# ନାବାଳିକା ଗୁରୁତର, ପାଞ୍ଚ ଆହତ

**ପାରଳାଖେମୁଣ୍ଡି, ୨୮ ।୨(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ସଦର ସ୍ଥିତ ଆଇସିଡିଏସ୍ ଅଫିସ ସମ୍ମୁଖରେ ଏକ ପେଟ୍ରୋଲ ଟ୍ୟାଙ୍କର ଟ୍ରକ ସହ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣେ ନାବାଳିକା ଗୁରୁତର ଆହତ ହୋଇଥିବା ବେଳେ କାରରେ ବସିଥିବା ଅନ୍ୟ ପାଞ୍ଚଜଣ ଆହତ ହୋଇଥିଲେ । ତାଟିପାଟି ଗ୍ରାମର ଲକ୍ଷ୍ମୀନାରାୟଣାଙ୍କ ପରିବାର ଏକ ଭୋଜିରେ ଯୋଗଦେଇ ନିଜ ଗ୍ରାମକୁ କାରରେ ଫେରୁଥିବା ବେଳେ ବିପରିତ ଦିଗ ଅର୍ଥାତ ପାରଳାଖେମୁଣ୍ଡିରୁ-ଖୋର୍ଦ୍ଧା ଅଭିମୁଖେ ଯାଉଥିବା ଏକ ଖାଲି ପେଟ୍ରୋଲ ଟ୍ୟାଙ୍କର



ଟ୍ରକ ସହ କାରର କୌଣସି କାରଣରୁ ମୁହାଁମୁହିଁ ଧକ୍କା ହୋଇଥିଲା । ଏଥିରେ କାରରେ ବସିଥିବା ଛ ଜଣ ଆହତ ହୋଇଥିବା ବେଳେ ଖୁସି ନାମକ ଜଣେ ୧୩ ବର୍ଷିୟ ନାବାଳିକାଙ୍କ ମୁଣ୍ଡର ଶକ୍ତ ଆଘାତ ଲାଗିଥିବାରୁ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ଅନ୍ୟ ଆହତ ମାନଙ୍କ ମଧ୍ୟରେ ଦୁଇ ଜଣ ଶିଶୁ ରହିଛନ୍ତି । ଖବର ପାଇ ଜିଲ୍ଲା ଯୁବ ବିଜେଡି ସଭାପତି ଏସ୍.ଲିଙ୍ଗରାଜୁ ପହଞ୍ଚି ତାଙ୍କ ନିଜ କାରରେ ଆହତଙ୍କୁ ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ନାବାଳିକାର ଅବସ୍ଥା ଗୁରୁତର ଥିବାରୁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ପରେ ଉଚ୍ଚ ଚିକିତ୍ସା ନିମନ୍ତେ ଆନ୍ଧ୍ରର ଶ୍ରୀକାକୁଲମକୁ ସ୍ଥାନାନ୍ତର କରାଯାଇଛି । ଦୁର୍ଘଟଣା ସମ୍ପର୍କରେ ଖବର ପାଇ ଗୁରାଣ୍ଡି ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଉଭୟ ଡ୍ରାଇଭରଙ୍କୁ ପଚରାଉଚରା କରାଯାଉଛି ।

## ବିଜେପି ନଗର ଓ ମଣ୍ଡଳ ଲାଭାର୍ଥୀ ଶିବିର

**ଜି.ଉଦୟଗିରି, ୨୮ ।୨(ସମିସ):** କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ଶ୍ରୀରାମପଦା ରେ ବିଜେପି ତରଫରୁ ଜି. ଉଦୟଗିରି ନଗର ଏବଂ ମଣ୍ଡଳ ଲାଭାର୍ଥୀ ଶିବିର ଅନୁଷ୍ଠିତ ହୋଇଥିଲା । ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅବନେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ବ୍ଲକର ୮ ପଞ୍ଚାୟତ ସହିତ ନଗରର ଲାଭାର୍ଥୀ ଯୋଗ ଦେଇଥିଲେ । ଶିବିରରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାରେ କେମିତି ଏବଂ କେତେ ଲାଭବାନ ହୋଇଛନ୍ତି ସେ ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଶିବିରରେ ନଗର ସଭାପତି ଉଦେସନ ପ୍ରଧାନ, ମଣ୍ଡଳ ସଭାପତି ମାୟା ବନ୍ଧୁ ପ୍ରଧାନ, ଲାଭାର୍ଥୀ ସଂଯୋଜକ ବିରାଜ ପ୍ରଧାନ, ଉପ ସଂଯୋଜକ ଉମେଶ ପ୍ରଧାନ, ଆଦିବାସୀ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ବସନ୍ତ ପ୍ରଧାନ, ଲୋକସଭା କ୍ଷେତ୍ର ଲାଭାର୍ଥୀ ସଂଯୋଜକ ବିନାୟକ ତ୍ରିପାଠୀଙ୍କ ସହିତ ନାରୀନେତ୍ରୀ ସୁସ୍ମିତା ଜେନା ଯୋଗ ଦେଇଥିଲେ ।

# ବ୍ରାହ୍ମଣୀଗାଁରେ ଆମ ପୁଲିସ ସମିତି ବୈଠକ



**ବ୍ରାହ୍ମଣୀଗାଁ, ୨୮ ।୨(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ପକ୍ଷରୁ ବୁଧବାର ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା । ନୂତନ ଥାନା ଅଧିକାରୀ ଭାବେ ଯୋଗ ଦେଇଥିବା ଚିରଞ୍ଜୀବି ବେହେରାଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା । ଏହି ବୈଠକରେ ଥାନା ଅଧିନସ୍ତ ୮ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ସ୍ୱେଚ୍ଛାସେବୀ, ଯୁବନେତା, ସାମାଜିକ କର୍ମୀ, ବ୍ରାହ୍ମଣୀଗାଁ ବଜାର ସ୍ଥିତ ବ୍ୟବସାୟୀ ଗୋଷ୍ଠୀ ଓ ମାନବ ଅଧିକାର ମଞ୍ଚ କର୍ମକର୍ତ୍ତା ଯୋଗ ଦେଇଥିଲେ । ଥାନା ଅଧିକାରୀଙ୍କ ତରଫରୁ ସ୍ଥାନୀୟ ଆଇନ ଶୃଙ୍ଖଳା ସମସ୍ୟା ବିଷୟରେ ପ୍ରଶ୍ନ କରାଯାଇଥିଲା । ଘରୋଇ ହିଂସା, ଗ୍ରାମ୍ୟ ବିଶୃଙ୍ଖଳା, ବେଆଇନ ମଦ କାରବାର, ସଡ଼କ ସୁରକ୍ଷା ଇତ୍ୟାଦି ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ପ୍ରତ୍ୟେକ ସମସ୍ୟାର ସମାଧାନ ପାଇଁ ଥାନା ତରଫରୁ ଦୃଢ଼ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦିଆଯିବା ସହ ଜନସାଧାରଣ ସହଯୋଗ କାମନା କରାଯାଇଥିଲା । ପ୍ରତିମାସରେ ଏହିପରି ବୈଠକ ବିଭିନ୍ନ ପଞ୍ଚାୟତରେ କରାଯିବା ନିମନ୍ତେ ପ୍ରତିଶ୍ରୁତି ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଏସ ଆଇ ଅମରେନ୍ଦ୍ର ସୁବୁଦ୍ଧି, ଏଏସଆଇ ଶଙ୍କର ୱାଡାକା, ରାଇଟରଅଶୋକସାହୁଙ୍କ ସହିତ ଥାନାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ସିୟୁଟିଏମ୍‌ର ବାର୍ଷିକ ଉତ୍ସବ 'ଗଜଜ୍ୟୋତି' ଉଦ୍‌ଯାପିତ



**ପାରଳାଖେମୁଣ୍ଡି, ୨୮ ।୨(ସମିସ):** ପାରଳାଖେମୁଣ୍ଡିସ୍ଥିତ ସେଞ୍ଚୁରିୟାନ ୟୁନିଭେରସିଟି ଅଫ ଟେକନୋଲଜି ଆଣ୍ଡ ମ୍ୟାନେଜମେଣ୍ଟ (ସିୟୁଟିଏମ୍)ର ବାର୍ଷିକ ଉତ୍ସବ 'ଗଜଜ୍ୟୋତି ୨୦୨୪' ଉଦ୍‌ଯାପିତ ହୋଇଛି । ଏହି କାର୍ଯ୍ୟକ୍ରମ ୪ଦିନ ଧରି ଚାଲିଥିଲା । କାର୍ଯ୍ୟକ୍ରମର ପ୍ରଥମ ଦିବସରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ ପକ୍ଷରୁ ପ୍ରଜ୍ଞାପନ ମେଢ ଚିତ୍ତାକର୍ଷକ ଭାବେ ପ୍ରଦର୍ଶିତ ହୋଇଥିଲା । ଦ୍ୱିତୀୟ ଦିବସରେ ଓଡ଼ିଶୀ ଓ ଫ୍ୟାସନ ଶୋ ଆଦି ହୋଇଥିଲା । ତୃତୀୟ ଦିବସରେ କିଚକ ରାମାୟଣ ଏବଂ ଲାଇଟ୍ ଆଣ୍ଡ ସାଉଣ୍ଡ ସୋ ପ୍ରଦର୍ଶିତ ହୋଇଥିଲା । ବିଭିନ୍ନ ବିଭାଗର ଅଧ୍ୟାପକ ଏବଂ ଅଧ୍ୟାପିକା ନିଜର କଳା କୌଶଳ ଦେଖାଇଥିଲେ । ଗଜଜ୍ୟୋତିର ଶେଷ ରଜନୀ ଅତ୍ୟନ୍ତ ଆକର୍ଷଣୀୟ ହୋଇଥିଲା । ମୁମ୍ବାଇରୁ ଆସିଥିବା ବଲିଉଡ୍ ଗାୟକ ମଧୁର ଶର୍ମାଙ୍କ ସୁମଧୁର ଗୀତର ତାଳେ ତାଳେ ଛାତ୍ରଛାତ୍ରୀ ଝୁମିଥିଲେ ଏବଂ ତାଙ୍କ ସହିତ ଅନ୍ୟ ଜଣେ କଣ୍ଠ ଶିଳ୍ପୀ ଚନ୍ଦନ ଜୟସ୍ୱାଲ ମଧ୍ୟ ସଙ୍ଗୀତ ପରିବେଷଣ କରିଥିଲେ । ଆକର୍ଷଣୀୟ କାର୍ଯ୍ୟକ୍ରମ ସାଙ୍ଗକୁ ରଙ୍ଗବେରଙ୍ଗ ଆଲୋକ, ନୃତ୍ୟଗୀତିରେ ମଞ୍ଚ ଝଲସି ଉଠିଥିଲା । ସିୟୁଟିଏମ୍‌ର ଉପସଭାପତି ଡ. ଡିଏନ୍ ରାଓ, ରେଜିଷ୍ଟ୍ରାର ଡ. ଅନିତା ପାତ୍ର ଓ ପ୍ରଶାସନିକ ନିର୍ଦ୍ଦେଶକ ଡ. ଦୁର୍ଗା ପ୍ରସାଦ ପାଢ଼ୀଙ୍କ ସମେତ ବିଶ୍ୱବିଦ୍ୟାଳୟର ବିଭିନ୍ନ ଡିନ୍ ଏବଂ ଅଧ୍ୟାପକ ଉପସ୍ଥିତ ଥିଲେ । ସମସ୍ତ କାର୍ଯ୍ୟକ୍ରମ ଷ୍ଟୁଡେଣ୍ଟ ଆଫାୟର ଡିନ୍ ଡ. ଅତନୁ ଦେବଙ୍କ ତତ୍ତ୍ୱାବଧାନରେ ହୋଇଥିଲା ।

# ମିଶନ ଶକ୍ତି ଭବନ ଓ ଶକ୍ତି କାଫେ ଉଦ୍‌ଘାଟିତ



**ଚକାପାଦ, ୨୮ ।୨(ସମିସ):** କନ୍ଧମାଳ ଜିଲ୍ଲା ଚକାପାଦ ପଞ୍ଚାୟତ ସମିତିରେ ଶକ୍ତି କାଫେ ଏବଂ ମିଶନ ଶକ୍ତି ଭବନ ଗୃହକୁ ଉପବାଚସ୍ପତି ସାଲୁଗା ପ୍ରଧାନ ଉଦଘାଟନ କରିଛନ୍ତି । ଉଦଘାଟନୀ ଉତ୍ସବରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମିତି ଅଧ୍ୟକ୍ଷା ବୈନେତ୍ରୀ କହଁର, ଉପାଧ୍ୟକ୍ଷ ସୋମନାଥ ବେହେରା, ଜନଜାତି ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନଳିନୀ କହଁର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହୃଦ ରଞ୍ଜନ ସାହୁ ଉପସ୍ଥିତ ଥିଲେ । ମୁଖ୍ୟଅତିଥି ଶ୍ରୀ ପ୍ରଧାନ ମିଶନ ଶକ୍ତିର ମା ମାନଙ୍କର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୋହନାରେ ଜାତୀୟ ବିଜ୍ଞାନ ଦିବସ



**ମୋହନା,୨୮ ।୨(ସମିସ):** ଗଜପତି ଜିଲ୍ଲା ମୋହନା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଛି । ପ୍ରଧାନ ଆଚାର୍ଯ୍ୟା ଆରତୀ ପାଢ଼ୀଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଦେଶର ବୈଜ୍ଞାନିକଙ୍କ ଜୀବନୀ ଉପରେ ବକ୍ତୃତା ପ୍ରଦାନ କରିଥିଲେ । ଏଥିସହ ଜାତୀୟ ବିଜ୍ଞାନ ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ ଶିଶୁ ମନ୍ଦିର ଗୁରୁଜୀ ଓ ଗୁରୁମା । ଏହି ଅବସରରେ ବିଜ୍ଞାନର ବିଭିନ୍ନ ଉପକରଣ ପ୍ରଦର୍ଶନ କରାଯିବା ସହ ଏହାର ଉପଯୋଗୀତା ଉପରେ ବିଜ୍ଞାନ ଆଚାର୍ଯ୍ୟା ମୋନାଲିସା ମହାପାତ୍ର, ଆଚାର୍ଯ୍ୟ ସୁଧାଂଶୁ ଶେଖର ପାଣିଗ୍ରାହୀ ଓ କୃପାସିନ୍ଧୁ ମଲ୍ଲିକ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ ।

# ମା' ବରାଳଦେବୀଙ୍କ ନୂତନ ବିଗ୍ରହ ପ୍ରାଣ ପ୍ରତିଷ୍ଠା

**ବାଲିଗୁଡା, ୨୮ ।୨(ସମିସ):** ମହାଆଡମ୍ବରରେ ଚାଲିଛି ବାଲିଗୁଡା ସହରର ଅଧିଷ୍ଠାତ୍ରୀ ଦେବୀ ମା ବରାଳଦେବୀଙ୍କ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ମହୋତ୍ସବ । ବୁଧବାର ମା ବରାଳଦେବୀଙ୍କ ନୂତନ ବିଗ୍ରହ ପ୍ରାଣ ପ୍ରତିଷ୍ଠା ହୋଇଛି । ମଙ୍ଗଳବାର ଦିନ ସୂର୍ଯ୍ୟ ପୂଜା, ଗୋ ପୂଜା ପରେ ସାଳା ପ୍ରବେଶ ଓ ମଣ୍ଡଳ ପୂଜା ସହ ସମସ୍ତ ନୀତିକ୍ରାନ୍ତି ପରେ ମା ବରାଳଦେବୀ ମନ୍ଦିରର ରତ୍ନମୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବାଲିଗୁଡା ସହରର ଏହି ସର୍ବ ପୁରାତନ ପୀଠ ମା ବରାଳଦେବୀଙ୍କ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ଦୀର୍ଘ ବର୍ଷ ହେବ ହୋଇ ପାରିନଥିଲା । କନ୍ଧମାଳ ସାଂସଦଙ୍କ ବାଲିଗୁଡା ପ୍ରତିନିଧି ଟୁନା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଗତ



୨୬ ରୁ ଆରମ୍ଭ ହୋଇଥିବା ବେଳେ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ମା ବରାଳଦେବୀଙ୍କ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ମଙ୍ଗଳବାର ମନ୍ଦିରର ରତ୍ନମୁଦ କାର୍ଯ୍ୟକ୍ରମ ସମାପନ ସହ ଚବିଶି ପ୍ରହର ନାମଯଜ୍ଞ, ଘୃତ ଯଜ୍ଞ ଓ ଅନ୍ନ ଯଜ୍ଞ ଦୀର୍ଘ ୭୨ ଘଣ୍ଟା ଧରି ଚାଲୁ ରହିଛି । ଦୀର୍ଘ ବର୍ଷ ପରେ ଚବିଶି ପ୍ରହର ନାମ ଯଜ୍ଞ ହେଉଥିବା ଯୋଗୁଁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି ।

# ଜିଲ୍ଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ

**ପାରଳାଖେମୁଣ୍ଡି,୨୮ ।୨(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅନ୍ତର୍ଗତ ଜାଜପୁର ଗ୍ରାମସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗଜପତି ଜିଲ୍ଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ଶିକ୍ଷକ, ଶିକ୍ଷା ନିର୍ଦ୍ଦେଶାଳୟ ଓ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଆନୁକୂଲ୍ୟରେ ଓ ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୋଷ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ପାଳିତ ହୋଇଥିଲା । ଅତିରିକ୍ତ ଜିଲ୍ଲା ଶିକ୍ଷାଧକାରୀ ମନୋଜ ରଞ୍ଜନ ଦଳାଇ ଏହାକୁ ଉଦଘାଟନ କରିଥିବା ବେଳେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଏ.ରବି କୁମାର ସ୍ୱାଗତ ଭାଷଣ ପ୍ରଦାନ ସହ ବିଜ୍ଞାନ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସର ଗ୍ରହଣ କରିଥିବା ପ୍ରଧାନଶିକ୍ଷକ ବିନୋଦ ଚନ୍ଦ୍ର ଜେନା ମୁଖ୍ୟବକ୍ତା ରୂପେ ଯୋଗ ଦେଇ ଚଳିତ ବର୍ଷର ବିଜ୍ଞାନ ଦିବସ ପାଳନର ମୁଖ୍ୟ ବିଷୟ 'ବିକାଶ ଭାରତ ପାଇଁ ସ୍ୱଦେଶୀ ପ୍ରଯୁକ୍ତି ବିଦ୍ୟା' ବିଷୟରେ କହିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ସାକ୍ଷିକ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ସାର ସି.ଭି. ରମଣଙ୍କ 'ରମଣ' ପ୍ରଭାବ ଉପରେ ଆଲୋକପାତ




କରି ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ପ୍ରତି ଆକୃଷ୍ଟ କରିବା ପାଇଁ ଏହି ଦିବସ ପାଳନ ନିହାତି ଆବଶ୍ୟକ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ବିଇଓ ବାଳକୃଷ୍ଣ ମାଝୀ ବିଜ୍ଞାନର ପ୍ରସାର ଶିକ୍ଷକଙ୍କ ଦ୍ୱାରା ହୋଇପାରିବ ବୋଲି କହିଥିଲେ । ଏହି ଦିବସ ପାଳନ ଅବସରରେ ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ୫୦ରୁ ଉର୍ଦ୍ଧ୍ୱ ବିଜ୍ଞାନ ଶିକ୍ଷକ ଯୋଗ ଦେଇଥିଲେ । ଶେଷରେ ଶିକ୍ଷୟତ୍ରୀ ନର୍ମଦା ଦେଇ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏ. ଜଗଦିଶ, ମୋହନ ବାରିକ ଓ ରବୀନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଦ୍ୟାଳୟର ଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ।

# କନ୍ଧମାଳ କ୍ରିକେଟ୍ ଏକାଡେମୀ ଉଦ୍‌ଘାଟିତ




**ଫୁଲବାଣୀ,୨୮ ।୨:** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ମଙ୍ଗଳବାର ଉଦଘାଟିତ ହୋଇଛି କନ୍ଧମାଳ କ୍ରିକେଟ ଏକାଡେମୀ । ରାଜ୍ୟ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ବିଭିନ୍ନ ଜିଲ୍ଲାରେ ଖୋଲାଯାଇଥିବା ଏହି ଏକାଡେମୀ ରାଜ୍ୟରେ କ୍ରିକେଟ ଖେଳର ବିକାଶରେ ସହାୟକ ହେବ ବୋଲି ଏ ଅବସରରେ କହିଛନ୍ତି ମୁଖ୍ୟମନ୍ତ୍ରୀ । ଏକାଡେମୀକୁ ଆଭାସୀ କାର୍ଯ୍ୟକ୍ରମ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଉଦଘାଟନ କରିଥିବା ବେଳେ ସ୍ଥାନୀୟ କରୋନେସନ ପଡ଼ିଆରେ ଏ ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କନ୍ଧମାଳ ଜିଲ୍ଲାପାଳ ଆଶୀଷ ଈଶ୍ୱର ପାଟିଲ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଏହାକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ସଙ୍ଗଠକ କମଳାକାନ୍ତ ପାଣ୍ଡେ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଲଳିତ ମୋହନ ପଟ୍ଟନାୟକ ଓ ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଖେଳାଳୀ, କ୍ରୀଡ଼ା ପ୍ରେମୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ ।

## ମହାମାୟୀ ମହିଳା ମହାବିଦ୍ୟାଳୟର ନୂତନ କ୍ଲାସ୍ ରୁମ୍ ଉଦ୍‌ଘାଟିତ



ବ୍ରହ୍ମପୁର, ୨୮ା୨ (ସମିସ): ସ୍ଥାନୀୟ ମହାମାୟୀ ମହିଳା ମହାବିଦ୍ୟାଳୟର ମଙ୍ଗଳବାର ନୂତନ କ୍ଲାସ ରୁମ ଉଦଘାଟିତ ହେଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼. କବିତା ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ ଯୋଗ ଦେଇ ମହାବିଦ୍ୟାଳୟ ପରିସରରେ ନୂତନ ଭାବେ ନିର୍ମାଣ ହୋଇଥିବା କ୍ଲାସ ରୁମ ଉଦଘାଟନ କରିଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡ଼ା. ରମେଶଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ପରିଚାଳନା କମିଟିର ସଭାପତି ଡ଼. ଅରୁନ୍ଧତୀ ରଥ, ସ୍ୱର୍ଣ୍ଣଲତା ପାଢ଼ୀ ଓ ଦୁର୍ଗାପ୍ରସାଦ ପଣ୍ଡା ଉପସ୍ଥିତ ଥିଲେ । ପୂର୍ବରୁ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ସଂଖ୍ୟା ଦୃଷ୍ଟିରୁ କ୍ଲାସ ରୁମ ଅଭାବ ରହିଥିଲା । ବର୍ତ୍ତମାନ ନୂତନ କ୍ଲାସ ରୁମ ନିର୍ମାଣ ଦ୍ୱାରା ଛାତ୍ରୀ କ୍ଲାସ ରୁମ ଅଭାବ ଦୂର ହୋଇଛି । ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟ ଅଧ୍ୟାପିକା ଆଶାରାଣୀ ପଣ୍ଡାଙ୍କ ସମେତ ବହୁ ଅଧ୍ୟାପିକା ଓ ଅଧ୍ୟାପକ, ଛାତ୍ରୀମାନେ ଉପସ୍ଥିତ ଥିଲେ ।

## ବାଲ୍ୟବିବାହ ନିରାକରଣ ସଚେତନତା




ଜଗନ୍ନାଥପ୍ରସାଦ, ୨୮ା୨ (ସମିସ): ସ୍ଥାନୀୟ ଘୁମୁସର ତାଲୁକା ରଜକ ସମାଜ ଜଗନ୍ନାଥ ପ୍ରସାଦ ମୁଠା ପକ୍ଷରୁ ଏକ ସଚେତନତା ରାଲି ମା'କରଞ୍ଜେଇ ମନ୍ଦିର ଠାରୁ ଆରମ୍ଭ ହୋଇଥିଲା । ବାଲ୍ୟବିବାହ, ଶିଶୁ ଅପରାଧ, ଘରୋଇ ହିଂସା ଓ ଲିଙ୍ଗଗତ ହିଂସା ସମ୍ପର୍କରେ ଲୋକଙ୍କୁ ସଚେତନ ଉଦ୍ଦେଶ୍ୟରେ ସ୍ଥାନୀୟ ବଜାର, କୁମ୍ଭାରସାହି, ବଡଦାଣ୍ଡ, ବ୍ଲକ ଛକ ଆଦି ବିଭିନ୍ନ ସାହିରେ ୩୦୦ରୁ ଉର୍ଦ୍ଧ ରଜକ ସମାଜର ମହିଳା ଓ ପୁରୁଷ ଯୋଗଦେଇ ରାଲି କରିଥିଲେ । ଶୋଭାଯାତ୍ରାରେ ଗଞ୍ଜାମ ଜିଲ୍ଲା ଉପସଭାପତି ନାରାୟଣ ସେଠୀ, ତାଲୁକା ସଭାପତି ଡମ୍ବରୁଧର ସେଠୀ, ସମ୍ପାଦକ ପ୍ରଶ୍ନ କୁମାର ସେଠୀ, କୋଷାଧ୍ୟକ୍ଷ ଯୋଗେନ୍ଦ୍ର ସେଠୀ, ଅରୁଣ କୁମାର ସେଠୀ, ନୀଳାଞ୍ଚଳ ସେଠୀ, ସୂର୍ଯ୍ୟଚନ୍ଦ୍ର ସେଠୀ, ଶିବରାମ ସେଠୀ, ସୁବାଷ ଚନ୍ଦ୍ର ସେଠୀ, ଜଗନ୍ନାଥ ପ୍ରସାଦ ମୁଠା ସଭାପତି ବିନୋଦ କୁମାର ସେଠୀ, ସମ୍ପାଦକ ରାମଚନ୍ଦ୍ର ସେଠୀ, ସନ୍ତୋଷ କୁମାର ସେଠୀ, ଯୁଧିଷ୍ଠିର ସେଠୀ, ମନୋରଞ୍ଜନ ସେଠୀ, ସୁଶୀଳ ସେଠୀ, କୁନି ସେଠୀଙ୍କ ସମେତ ରଜକ ସମାଜର ସମସ୍ତ ମେମ୍ବର, ବେହେରା ଏବଂ ପାଇକ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

### ସଚେତନତା ଅଭାବ

## ନିଷ୍କ୍ରିୟ ଅବସ୍ଥାରେ ଗାଁ କଲ୍ୟାଣ ସମିତି

ଶେରଗଡ଼, ୨୮ା୨(ସମିସ):

ଗାଁର ପରିମଳ, ଜଳ ଓ ପୁଷ୍ଟି ସାଧନ ଭଳି ସମସ୍ୟାର ସମାଧାନ କରିବାକୁ ୨୦୦୮ରେ ଆରମ୍ଭ ହୋଇଥିଲା ଗାଁ କଲ୍ୟାଣ ସମିତି (ଜିକେଏସ) । ଏହି ସମିତିର ମୂଳ ଲକ୍ଷ୍ୟ ହେଲା, ଗାଁରେ ଏକ କମିଟି ଗଠନ କରି ସେହି କମିଟି ମାଧ୍ୟମରେ ଆସୁଥିବା ଅନୁଦାନକୁ ପରିମଳ, ଜଳ, ପୁଷ୍ଟି ସାଧନ ଭଳି ସମସ୍ୟାର ସମାଧାନ କରିବା, ଗାଁକୁ ସ୍ୱଚ୍ଛ ସୁନ୍ଦର କରିବା ଏବଂ ଏ ନେଇ ଲୋକଙ୍କୁ ସଚେତନତା କରିବା । କିନ୍ତୁ ପରିତାପର ବିଷୟ ଶେରଗଡ଼ ବ୍ଲକର ୨୨ଟି ପଞ୍ଚାୟତରେ ପ୍ରାୟ ୧୦୦ ଟି (ଜିକେଏସ) ରେ ଅନୁଦାନ ପଡ଼ିରହିଛି । ରାଜ୍ୟ ସରକାରଙ୍କ ଦ୍ୱାରା ଗାଁ କଲ୍ୟାଣ ସମିତିକୁ ସ୍ୱାସ୍ଥ୍ୟ ବିଭାଗ ଜରିଆରେ ପ୍ରତି ବର୍ଷ ୧୦ ହଜାର ଟଙ୍କା ପ୍ରଦାନ କରାଯାଉଛି । ସରକାରଙ୍କ ଦ୍ୱାରା ଦିଆଯାଉଥିବା ଏହି ଅର୍ଥ ରାଶିର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପଞ୍ଚାୟତର ୱାର୍ଡ ସଭ୍ୟ ଏବଂ ଅଙ୍ଗନବାଡି କର୍ମଚାରୀ ମିଳିତ ଭାବରେ ଉକ୍ତ ଅର୍ଥର ବିନିଯୋଗ କରି ଗାଁର ପରିମଳ, ଜଳ ଏବଂ ପୁଷ୍ଟି ସାଧନ ସମସ୍ୟା ଭଳି ସମାଜ କଲ୍ୟାଣ ଉପରେ ଗାଁ ଗାଁରେ ସଚେତନତା ସୃଷ୍ଟି କରିବା । ଗାଁ ଗାଁରେ ବୈଠକ କରି ଆଲୋଚନା କରିବା । କିନ୍ତୁ ସଚେତନତା ଅଭାବ ଯୋଗୁଁ ଗାଁ କଲ୍ୟାଣ ସମିତି ପାଣ୍ଠିକୁ ଠିକ ଭାବେ ବିନିଯୋଗ କରିନପାରିବା ଫଳରେ ଗାଁରେ ଥିବା ମୌଳିକ ସମସ୍ୟାର ସମାଧାନ ହୋଇପାରୁନାହିଁ । ଫଳରେ ଗାଁ କଲ୍ୟାଣ ସମିତି ଏବେ ନିଷ୍କ୍ରିୟ ଅବସ୍ଥାରେ ରହିଛି । ସେହିପରି ଦୀର୍ଘ ବର୍ଷ ହେବ ରୋଗୀ କଲ୍ୟାଣ ସମିତି ନାମକୁ ମାତ୍ର ରହିଛି । ଏନେଇ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଏବଂ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ମଧ୍ୟରେ ବହୁବାର ବୈଠକ ଅନୁଷ୍ଠିତ ହୋଇଥିଲେ ମଧ୍ୟ ଗାଁ କଲ୍ୟାଣ ସମିତି ଉପରେ କୌଣସି ପ୍ରଭାବ ପଡୁନି । ଗାଁ ଗାଁରେ ମାସିକ ବୈଠକ କରି ଆଲୋଚନା ହେବା କଥା । । ତେଣୁ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ବ୍ଲକସ୍ତରୀୟ ଜନଶୁଣାଣି ଶିବିର




କୁକୁଡ଼ାଖଣ୍ଡି, ୨୮ା୨ (ସମିସ): କୁକୁଡ଼ାଖଣ୍ଡି ବ୍ଲକ ସଭାଗୃହରେ ମଙ୍ଗଳବାର ବ୍ଲକସ୍ତରୀୟ ମନରେଗା ଯୋଜନାର ସମୀକ୍ଷା, ସମନ୍ୱିତ ଶିଶୁ ବିକାଶ ଯୋଜନା ଓ ମମତା, ଜାତୀୟ ସାମାଜିକ ସହାୟତା, ପଞ୍ଚଦଶ ଅର୍ଥ ଆୟୋଗର ସମୀକ୍ଷା ଅନୁଷ୍ଠିତ ହୋଇଯାଇଛି । ବିଡିଓ ପଲ୍ଲବୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତ ସମିତି ଅଧିନସ୍ଥ ବିଭିନ୍ନ ବିଭାଗର ଅଧିକାରୀ ଓ ପଦସ୍ଥ କର୍ମଚାରୀମାନେ ଉପସ୍ଥିତ ରହି ମନରେଗା ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାରେ ଆସିଥିବା କାର୍ଯ୍ୟ କେତେ କାର୍ଯ୍ୟକାରୀ ହୋଇଛି ସେ ସମ୍ପର୍କରେ ସମୀକ୍ଷା କରିଥିଲେ । ବୈଠକରେ ଅତିରିକ୍ତ ଉପଜିଲ୍ଲାପାଳ ସୁବ୍ରତ ରାମବିରାମ ଶତପଥି ଯୋଗଦେଇ ବିଭିନ୍ନ ପଞ୍ଚାୟତର ଏମ୍ ଜି ନରେଗା ସମ୍ପର୍କରେ ଆଲୋଚନା କରିଥିଲେ । ସାମାଜିକ ସମୀକ୍ଷାରେ କାର୍ଯ୍ୟ କରୁଥିବା ଡିଏସ୍ଏ ଡ଼ଃ. ରବୀନ୍ଦ୍ର ମଲଣା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥଲେ । ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଅନୁରାଗ ରଥ, ବ୍ଲକ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ଯୋଗାଣ ଅଧିକାରୀ ଧିରେନ୍ ସାହୁ, ଏପିଓ ଇନଚାର୍ଜ ନିହାରୀକା ପଣ୍ଡା ମୃତ୍ତିକା ସଂରକ୍ଷଣ ବିଭାଗ, ବନ ବିଭାଗ, ଉଦ୍ୟାନ ବିଭାଗ, ଲାଇନ ବିଭାଗର ସମସ୍ତ ପଦାଧିକାରୀ ସମେତ ୨୨ଟି ପଞ୍ଚାୟତର ସରପଞ୍ଚ, ଜିଲ୍ଲା ପରିଷଦ ସଭ୍ୟା, ସମିତି ସଭ୍ୟା, କନିଷ୍ଠ ଯନ୍ତ୍ରୀ, ପିଇଓ, ଜିଆରଏସ ଅଂଶଗ୍ରହଣ କରିଥିଲେ ।

## ଓକିଲ ସଂଘ କୋଠା ଉଦ୍‌ଘାଟିତ



ଆସିକା, ୨୮ା୨ (ସମିସ): ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ଆନୁକୂଲ୍ୟରେ ଆସିକା ଓକିଲ ସଙ୍ଘର ନୂତନ କୋଠାଗୃହକୁ ଉଦଘାଟନ କରିଛନ୍ତି ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ । ୨୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି କୋଠା ନିର୍ମାଣ ହୋଇଛି । ଉଦଘାଟନ ବେଳେ ପୂର୍ତ୍ତ ବିଭାଗ ଯନ୍ତ୍ରୀ ରାମକୃଷ୍ଣ ପାଣିଗ୍ରାହୀ, ଓକିଲ ସଙ୍ଘର ବରିଷ୍ଠ ଆଇନଜୀବୀ ଦିଲୀପ କୁମାର ପାଣିଗ୍ରାହୀ, ବିଦେଶୀ ନାହାକ, ପ୍ରଭାତ ପାଢ଼ୀ, ମାନସ ଗୌଡ଼, ଯଜ୍ଞେଶ୍ୱର ଆଚାରୀ, ଛବିଳ ରାମ ମିଶ୍ର, ସମ୍ପାଦକ ନାରାୟଣ ମୁନିଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ ।

## କଂସାରୀଗଣ୍ଡ ପ୍ରକଳ୍ପ ଫଳକ ସ୍ଥାପନ



ଛତ୍ରପୁର, ୨୮ା୨ (ସମିସ): ଛତ୍ରପୁର ନିର୍ବାଚନମଣ୍ଡଳୀବାସୀଙ୍କ ବହୁ ବର୍ଷ ଧରି ରହିଥିବା ଆଶା ପୂରଣ ହେବାକୁ ଯାଉଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ୨୦୨୩ ମାର୍ଚ୍ଚ ୨୬ ତାରିଖରେ ଶିଳାନ୍ୟାସ କରାଯାଇଥିବା କଂସାରୀଗଣ୍ଡ ଅନ୍ତଃ ସ୍ରୋତଜଳାଶ୍ରୟ ପ୍ରକଳ୍ପ (ପୋଟଲାମପୁର-ବରଦା) ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ବୁଧବାର କାର୍ଯ୍ୟସ୍ଥଳୀ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ଫଳକକୁ ଛତ୍ରପୁରରୁ ଆଣି ସେଠାରେ ସ୍ଥାପନ କରାଯାଇଥିଲା । ଏହି ଅବସରରେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା, ପୋଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ, ସମିତି ସଭ୍ୟ ଶମ୍ଭୁନାଥ ସ୍ୱାଇଁ, ରାକେଶ ରଞ୍ଜନ ଦାଶ, ଛତ୍ରପୁର ବ୍ଲକ ବିଜେଡି ସଭାପତି ପ୍ରବାସୀ ପ୍ରଧାନଙ୍କ ସମେତ ଅଞ୍ଚଳବାସୀ ଏବଂ ମିଶନ ଶକ୍ତି ସଭ୍ୟା ମାନେ ଉପସ୍ଥିତ ଥିଲେ । ଏହି ପ୍ରକଳ୍ପ ନିର୍ମାଣ ହେବା ଦ୍ୱାରା ଆବଶ୍ୟକ ଅନୁଯାୟୀ ପିଇବା ପାଣି ଠାରୁ ଆରମ୍ଭ କରି ଚାଷୀଙ୍କ ପାଇଁ ଆଉ ପାଣିର ଅଭାବ ରହିବ ନାହିଁ । ଋଷିକୂଲ୍ୟା ନଦୀର କଂସାରୀଗଣ୍ଡ ଠାରେ ଜଳ ସଂରକ୍ଷଣ ନିମନ୍ତେ (ବ୍ୟାରେଜ) ପ୍ରକଳ୍ପ ମଞ୍ଜୁର କରି ନିର୍ବାଚନମଣ୍ଡଳୀବାସୀଙ୍କୁ ଭେଟି ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ । ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ବ୍ରହ୍ମପୁର ସାଂସଦ ଓ ଛତ୍ରପୁର ବିଧାୟକଙ୍କ ପକ୍ଷରୁ କୃତଜ୍ଞତା ପ୍ରଦାନ କରାଯାଇଛ । ଜଳ ସମ୍ପଦ ବିଭାଗ ପକ୍ଷରୁ ଋଷିକୁଲ୍ୟା ନଦୀରେ ୧୫୨କୋଟି ୧୦ଲକ୍ଷ ବ୍ୟୟରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲିଛି । ଏହି ପ୍ରକଳ୍ପଟି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସ୍ୱପ୍ନର ପ୍ରକଳ୍ପ ଥିଲା । କାରଣ ସେ ଗଞ୍ଜାମ ଜିଲ୍ଲାପାଳ ଥିବା ବେଳେ ଏହି ପ୍ରକଳ୍ପ ନିମନ୍ତେ ବହୁ ଚିନ୍ତା କରିଥିଲେ । ତାହାକୁ ମୁଖ୍ୟମନ୍ତ୍ରୀ ପୂରଣ କରିଛନ୍ତି । ଏହି ପ୍ରକଳ୍ପ ଦ୍ୱାରା ଛତ୍ରପୁର ନିର୍ବାଚନମଣ୍ଡଳୀର ଛତ୍ରପୁର ଓ ଗଞ୍ଜାମ ବ୍ଲକ, ଛତ୍ରପୁର ବ୍ଲକ ଓ ଗଞ୍ଜାମ ଏନଏସି ସମେତ ବ୍ରହ୍ମପୁର ସହର ଲୋକଙ୍କୁ ମିଳିବ ବିଶୁଦ୍ଧ ପାଣି । ଏହାସହ ଛତ୍ରପୁର, ଗଞ୍ଜାମ ଓ ପୁରୁଷୋତ୍ତମପୁର ବ୍ଲକର କୃଷି କ୍ଷେତ୍ରକୁ ଜଳସେଚନ ବ୍ୟବସ୍ଥା, ଭୂତଳ ଜଳସ୍ତର ଉନ୍ନତି ଓ ୧୬୪ ହେକ୍ଟର ପରିମିତ ଅଞ୍ଚରେ ଆହୁରି ସହଜ ହୋଇପାରିବମାଛ ଚାଷ । ଏହାସହ ବିଭିନ୍ନ ଶିଳ୍ପ କାରଖାନାକୁ ମଧ୍ୟ ପାଣି ଯୋଗାଇବାରେ ସହାୟକ ହୋଇପାରିବ ବୋଲି କୁହାଯାଇଛି ।

## ଅଙ୍ଗନବାଡ଼ି କର୍ମୀଙ୍କ ସ୍ମାରକପତ୍ର



ପାରଳାଖେମୁଣ୍ଡି, ୨୮ା୨ (ସମିସ): ଦଶଦଫା ଦାବି ପୂରଣ ନିମନ୍ତେ ଅଲ୍ ଓଡ଼ିଶା ଅଙ୍ଗନବାଡି ଲେଡିଜ୍ ୱାର୍କର୍ସ ସଂଘ ଗଜପତି ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଅଙ୍ଗନବାଡି କର୍ମଚାରୀ ସଂଘ ଗଜପତି ଜିଲ୍ଲା ଶାଖାର ସଭାନେତ୍ରୀ ଅଞ୍ଜଳୀ ନାୟକ ଏବଂ ସମ୍ପାଦିକା ପୁଷ୍ପାଞ୍ଜଳୀ ପଣ୍ଡାଙ୍କ ନେତୃତ୍ୱରେ ବହୁ କର୍ମୀ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ଭେଟି ସ୍ମାରକ ପତ୍ର ପ୍ରଦାନ କରିଥିଲେ । ଅଙ୍ଗନବାଡି କର୍ମଚାରୀଙ୍କୁ ସରକାରୀ କର୍ମଚାରୀ କରିବା ସହିତ ଜୀବିକା ମଜୁରୀ ପ୍ରଦାନ କରିବା, କର୍ମଚାରୀ ମାନ୍ୟତା ପର୍ଯ୍ୟନ୍ତ କର୍ମୀଙ୍କୁ ୧୮୦୦୦ ଓ ସହାୟିକାଙ୍କୁ ୯୦୦୦ ଟଙ୍କା ବେତନ ଓ ଆଉ କେତେକ ଦାବି ସ୍ମାରକପତ୍ରରେ ଉଲ୍ଲେଖ ରହିଛି ।

## ବନକୁସୁମ ଶିଶୁ ସାହିତ୍ୟ ପ୍ରତିଷ୍ଠାନର ମାସିକ ସାହିତ୍ୟ ଆସର

ବ୍ରହ୍ମପୁର, ୨୮ା୨ (ସମିସ): ସ୍ଥାନୀୟ ଉତ୍କଳ ଆଶ୍ରମ ସଭା ଗୃହରେ ବନକୁସୁମ ଶିଶୁ ସାହିତ୍ୟ ପ୍ରତିଷ୍ଠାନର ପକ୍ଷରୁ ମାସିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପରିଷଦର ମୁଖ୍ୟ ସମ୍ପାଦକ ଲାଲବହାଦୂର ପଟ୍ଟନାୟକ ସଭାପତିତ୍ୱ କରିଥିଲେ । ଓଡ଼ିଆ ଭାଷା ପାଇଁ ଶିଶୁ ସାହିତ୍ୟର ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ଆଲୋଚନା ଚକ୍ରରେ ଡ଼ା. ସାଗର ରଞ୍ଜନ ତ୍ରିପାଠୀ, ଭଗବାନ ତ୍ରିପାଠୀ, ଇଂ ପ୍ରଫୁଲ୍ଲ କୁମାର ତ୍ରିପାଠୀ ଓ ସୁବାଷ ଚନ୍ଦ୍ର ପଣ୍ଡା ଭାଗନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅରୁଣ କୁମାର ପାତ୍ର, ରାମକୃଷ୍ଣ ଦାଶ ଓ ଲିଙ୍ଗରାଜ ଜେନାଙ୍କ ସମେତ ପ୍ରମୁଖ ଉପସ୍ଥିତ ରହି କବିତା ପାଠ କରିଥିଲେ । ପରିଶେଷରେ ଶିଶିର ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ସୁଧ ଟଙ୍କା ଫେରିପାଇଲେ ସ୍ୱୟଂସହାୟକ ଗୋଷ୍ଠୀ

ଫୁଲବାଣୀ, ୨୮ା୨ (ସମିସ):



ଶତକଡ଼ା ଶୂନ ହାରରେ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମିଶନ ଶକ୍ତି ଋଣ, ୧୪୫ କୋଟି ଟଙ୍କାର ସୁଧ ଫେରସ୍ତ ଏବଂ ୭୦ ଲକ୍ଷ ମିଶନ ଶକ୍ତି ମା'ଙ୍କୁ ୭୩୦କୋଟି ଟଙ୍କାର ୟୁନିଫର୍ମ ଓ ବ୍ଲେଜର୍ ପାଇଁ ସହାୟତା ଯୋଜନାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ମିଶନ ଶକ୍ତି ମା ମାନେ ଆଜି ଉଦ୍ୟୋଗୀ ହୋଇପାରିଛନ୍ତି ଏବଂ ମହିଳାଙ୍କ ପାଇଁ ମୋ ସରକାର ଅନେକ କାମ କରୁଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ଏ ଉପଲକ୍ଷେ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପରେ ଫୁଲବାଣୀ ବ୍ଲକ ତରଫରୁ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସସ୍ମିତା କହଁର, ମୁଖ୍ୟବକ୍ତା ଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସରୋଜବାଳା ଆଚାର୍ଯ୍ୟ, ସମ୍ମାନୀତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରତୀକ କୁମାର ସାହୁ, ଜିଲ୍ଲା ପ୍ରକଳ୍ପ ସଂଯୋଜକ ସୁନୀଲ କୁମାର ମଲ୍ଲିକ, କମଳିନୀ ନାୟକ, ମୌସୁମୀ ବେହେରା ଓ ବିଭିନ୍ନ ବ୍ୟାଙ୍କର ମ୍ୟାନେଜର ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ୩ ଯୋଜନା ଉପରେ ବ୍ୟକ୍ତବ୍ୟ ରଖିଥିଲେ । ଫୁଲବାଣୀ ବ୍ଲକରେ ଅଧିକ ସୁଧ ଫେରସ୍ତ ପାଇଥିବା ୧୨ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ମାନିତ କରାଯାଇଥିବା ବେଳେ ୧୩ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୭୦ଲକ୍ଷ ଟଙ୍କାର ଏସଏଚଜି. ଲୋନ୍‌ର ମଞ୍ଜୁରୀ ଚିଠି ପ୍ରଦାନ କରାଯାଇଥିଲା । ସେହିପରି ୫ଜଣ କ୍ୟାଡର୍‌ଙ୍କୁ ସ୍କୁଟି ଋଣର ମଞ୍ଜୁରୀ ଚିଠି ପ୍ରଦାନ କରାଯାଇଥିଲା । ସବୁଠାରୁ ଭଲ ବ୍ୟାଙ୍କ ମିତ୍ର ଭାବେ ବ୍ୟାଙ୍କ ଅଫ୍ ଇଣ୍ଡିଆର ବ୍ୟାଙ୍କ ମିତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ବ୍ଲକ ପ୍ରକଳ୍ପ ସଂଯୋଜିକା ଦିପ୍ତିରାଣୀ ପଟ୍ଟନାୟକ ଓ ସୁଶାନ୍ତ କୁମାର ଲେଙ୍କା ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଏ.ଏଲ୍.ଏଫ୍. ସଦସ୍ୟା, ବିଏଲ୍ଏଫ୍ ସଦସ୍ୟା, ଜିପିଏଲ୍ଏଫ୍ ସଦସ୍ୟା, ଏମ୍‌ବିକେ, ବ୍ୟାଙ୍କ ମିତ୍ର, କୃଷି ମିତ୍ର, ପ୍ରାଣୀମିତ୍ର ଏବଂ ସିଆରପିଙ୍କ ସମେତ ୫ଶହରୁ ଅଧିକ ସଦସ୍ୟା ଯୋଗ ଦେଇଥିଲେ ।



ଜଗନ୍ନାଥପ୍ରସାଦ : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଲୋକସେବା ଭବନ କନଭେନ ସେଣ୍ଟରରୁ ମିଶନ ଶକ୍ତି ଗ୍ରୁପ ମାନଙ୍କୁ ଟଙ୍କାର ସୁଧ ରିହାତି ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । କାର୍ଯ୍ୟକ୍ରମକୁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଦାର୍ଶନୀ ନାୟକ ଅଧ୍ୟକ୍ଷତା କରିଥିବାବେଳେ ବ୍ଲକ ଅଧ୍ୟକ୍ଷା ଜୟଶ୍ରୀ ସାହୁ ଓ ବିଡିଓ ଅଶ୍ୱିନୀ କୁମାର ମହାପାତ୍ର ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ରଞ୍ଜିତ କୁମାର ପାତ୍ର, ସାଂସଦଙ୍କ ପ୍ରତିନିଧି ବିପ୍ରଚରଣ ବାରିକ, ଜଗନ୍ନାଥପ୍ରସାଦ ଷ୍ଟେଟ ବ୍ୟଙ୍କ ଶାଖା ସହାୟକ ପ୍ରବନ୍ଧକ ସୁରଜ ରାଉଳ, ଛାମୁଣ୍ଡା ଶାଖା ପ୍ରବନ୍ଧକ ଶାନ୍ତି ସ୍ୱରୂପ ଗାନ୍ଧୀ, ଇଣ୍ଡିଆନ ବ୍ୟାଙ୍କ ଶାଖା ପ୍ରବନ୍ଧକ ଶିବ ପ୍ରସାଦ ପ୍ରଧାନ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଶାଖା ପ୍ରବନ୍ଧକ କଳିଙ୍ଗ କୁମାର ବେହେରା ପ୍ରମୁଖ ମଞ୍ଚାସିନ ରହିଥିଲେ । ଅଞ୍ଚଳରେ ହାରାହାରି ୧୫୦୦ମିଶନ ଶକ୍ତି ଗ୍ରୁପ ମଧ୍ୟରୁ ସର୍ବାଧିକ ରେକର୍ଡ ୫୦ଟି ସ୍ୱୟଂ ସହାୟିକା ଦଳକୁ ଉପସ୍ଥିତ ଥିବା ମଞ୍ଚାସିନ ଅତିଥି ମାନଙ୍କ ଦ୍ୱାରା ୯.୬୩ ଲକ୍ଷ ଟଙ୍କାର ରିହାତି ସୁଧ ଚେକ ପ୍ରଦାନ କରାଯାଇଛି । ବ୍ଲକ ସଂଯୋଜିକା ସୀତା ବରାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପ୍ରକଳ୍ପ ପରିଚାଳକ ବ୍ଲକ ସଂଯୋଜକ ବିବେକାନନ୍ଦ ମହାପାତ୍ର, ଦେବୀ ପ୍ରସାଦ ବେହେରା, ବନମାଳୀ ସାହୁ, ମିଶନ ଶକ୍ତି ଆକାଉଟେଣ୍ଟ ଭକ୍ତି ସାଗର ପ୍ରଧାନ, ଦିନେଶ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।



ପୋଲସରା : ପୋଲସରା ସ୍ଥିତ କୋଣାର୍କ କଲ୍ୟାଣ ମଣ୍ଡପରେ ମିଶନ ଶକ୍ତିର ସୁଧ ଫେରସ୍ତ ମେଳା ଜୀବିକା ମିଶନର ବିପିଏମ ଗଙ୍ଗାଧର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୭୦ ଲକ୍ଷ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନଙ୍କ ଲାଗି ରାଜ୍ୟ ସରକାର ବହୁ ଯୋଜନା କରିବା ସହିତ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରାଇଛନ୍ତି ବୋଲି କହିଥିଲେ । ସୁଧ ଫେରସ୍ତ ମେଳାରେ ପୋଲସରା ବ୍ଲକର ୫୦ଟି ମହିଳା ଗୋଷ୍ଠୀଙ୍କୁ ଚେକ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଡିଓ କୁରେଶ ଚନ୍ଦ୍ର ଜାନି, ସିଡିପିଓ ତିଳୋତ୍ତମା ରାଉତ, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ରାଜେନ୍ଦ୍ର ପ୍ରଧାନ, ବିପିଏମ୍ ଗଙ୍ଗାଧର ମିଶ୍ର, ବିପିସି କିରଣ କୁମାର ସାହୁ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ, ବିକ୍ରମ କୁମାର ନାୟକ, ଘନଶ୍ୟାମ ଦାସ ସମେତ ବହୁ ସରପଞ୍ଚ, ସମିତିସଭ୍ୟ, ଏମବିକେ, ସିଆରପି, ସହ ଏସଏଚଜିର ସମସ୍ତ ମହିଳା ସଦସ୍ୟା ଉପସ୍ଥିତ ଥିଲେ ।

ବାଲିଗୁଡ଼ା : ମା ମାନଙ୍କୁ ସଶକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆଉ ଏକ ପଦକ୍ଷେପ ନେଇଛନ୍ତି । ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମିଶନ ଶକ୍ତି ଋଣ ଆଭାସୀ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ବର୍ତ୍ତମାନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ବ୍ୟାଙ୍କରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇପାରିବେ ଯାହାର ସୁଧ ରାଜ୍ୟ ସରକାର ଭରଣ କରିବେ । ଏହା ଫଳରେ ରାଜ୍ୟର ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନେ ଆହୁରି ସଶକ୍ତ ହୋଇପାରିବେ । ଏହି ଅବସରରେ ମଙ୍ଗଳବାର କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ ପରିସରରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀକୁ ରାଜ୍ୟ ସରକାର ଫେରାଇଥିବା ସୁଧ ରାଶିର ଚେକ୍ ଓ ଲାପଟପ୍ ପ୍ରଦାନ କରିଛନ୍ତି ବିଧାୟକ ଚକ୍ରମଣୀ କହଁର । ଏହି କାର୍ଯ୍ୟକ୍ରମରେ ବାଲିଗୁଡ଼ା ବିଡ଼ିଓ ଅଚ୍ୟୁତାନନ୍ଦ ଜାନୀ ଓ ସିଡିପିଓ ସଞ୍ଜୁକ୍ତା ପଟ୍ଟନାୟକ ଓ ବିପିଏମ୍ ସୁଦର୍ଶନ ବେହେରା ଉପସ୍ଥିତ ଥିଲେ । ଏଭଳି ପଦକ୍ଷେପକୁ ସ୍ୱଗତ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା । ଏହି କାର୍ଯ୍ୟକ୍ରମରେ ବାଲିଗୁଡ଼ା ବ୍ଲକର ୧୪ ପଞ୍ଚାୟତର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ସରପଞ୍ଚ ଓ ଜନ ପ୍ରତିନିଧି ଯୋଗ ଦେଇଥିଲେ ।






କୁକୁଡ଼ାଖଣ୍ଡି : କୁକୁଡ଼ାଖଣ୍ଡି ବ୍ଲକରେ ମିଶନ ଶକ୍ତି ସୁଧ ଫେରସ୍ତ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବ୍ଲକର ୭୯୧ଟି ଗ୍ରୁପକୁ ୫୯ ଲକ୍ଷ ୪୦ ହାଜର ୫୩୯ ଟଙ୍କା ସୁଧ ଫେରସ୍ତ କରାଯାଇଥିଲା । ସିଡିପିଓ କୁସୁମ କୁମାରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ବିଡିଓ ଡ଼ା ପଲ୍ଲବୀ ସ୍ୱାଇଁ, ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ଷ୍ଟେଟ ବ୍ୟାଙ୍କ ଅଫ୍ ଆଙ୍କୁଶପୁର ବ୍ରାଞ୍ଚ ମ୍ୟାନେଜର ସତ୍ୟଜିତ ମହାପାତ୍ର, ଆଇସିଆଇସିଆଇ ବଜାର ବ୍ରାଞ୍ଚ ରେଜିନାଲ ମ୍ୟାନେଜର ମିନତୀ ପାତ୍ର, ଏଚଡିଏଫସି ବ୍ରହ୍ମପୁର ବ୍ରାଞ୍ଚ କିଶୋର ଚନ୍ଦ୍ର ମଲ୍ଲିକ, ବ୍ଲକ ପ୍ରୋଜେକ୍ଟ କୋଡିନେଟର ନୀଳାଞ୍ଚଳ ସାହୁ, ବିପିଏମ ବ୍ଲକ ପ୍ରୋଗ୍ରାମ ମେନେଜର ଦୟାନିଧି ବେହେରା, ବିପିଏସିଏ ସାଗରିକା ଦେବୀ, ବିଏମଏସସି ପ୍ରତିଭା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

# ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ

ଭଞ୍ଜନଗର, ୨୮ ।୨(ସମିସ): ଭଞ୍ଜନଗର ବ୍ଲକ ବାରୁଡ଼ା ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରାଯାଇଛି । ସେଥି ମଧ୍ୟରେ କମଳା ବାଡ଼ି ଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ବିଜୁ ସେତୁ ଯୋଜନାରେ ୧୨କୋଟି ୭୮ଲକ୍ଷ ଟଙ୍କା ବ୍ୟୟରେ ଲେମ୍ବେଇ ଠାରୁ ରାଇ ପଲି ରାସ୍ତାର ବଡ଼ ନଦୀ ସେତୁକୁ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଉଦଘାଟନ କରିଛନ୍ତି । ଏଥିରେ ମୁଖ୍ୟ ଅତିଥି ଭାବେ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଏବଂ ସମ୍ମାନିତ ଅତିଥି ରୂପେ କନ୍ଧମାଳ ସାଂସଦ ଡକ୍ଟର ଅଚ୍ୟୁତ ସାମନ୍ତ ଯୋଗ ଦେଇଥିଲେ । ଏହାପରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଭଞ୍ଜନଗର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଖଣ୍ଡ ଅଧୀନରେ ୧୬ଶହ କୋଟିରୁ ଉକାଟ ଟଙ୍କା ବ୍ୟୟରେ ୧୧ଟି ବ୍ଲକକୁ ବୃହତ ଗ୍ରାମ୍ୟ ପାନୀୟ ଜଳଯୋଗାଣ ପ୍ରକଳ୍ପର ଭୂମିପୂଜା ଓ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ଏବଂ ପୂର୍ତ୍ତ ବିଭାଗ ପକ୍ଷରୁ ୩୪କୋଟି ଟଙ୍କା ବ୍ୟୟରେ ଭଞ୍ଜନଗର ଠାରୁ ତିଳିସିଙ୍ଗି, ତାରସି, ଦଶପଲ୍ଲା ରାସ୍ତାର ଉନ୍ନତିକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହାପରେ ପହଣ୍ଡା ଛକ ଠାରେ ଏକ ସାଧାରଣ ସଭାରେ ଅର୍ଥମନ୍ତ୍ରୀଙ୍କ ସମେତ ନିମନ୍ତ୍ରିତ ଅତିଥିମାନେ ଯୋଗ ଦେଇଥିଲେ । ଏଥିସହ କିଟ ଓ କିମସ ଦ୍ୱାରା ଫୁଲବାଣୀ ଠାରେ ଅନୁଷ୍ଠିତ ନିଯୁକ୍ତି ମେଳାରେ ସ୍ଥାନୀୟ ଅଞ୍ଚଳରେ ୬ଶହ ଛାତ୍ରଛାତ୍ରୀ ନିଯୁକ୍ତିର ସୁଯୋଗ ପାଇ ପାରିବେ । ତେଣୁ ମନ୍ତ୍ରୀ ଶ୍ରୀ ଆରୁଖଙ୍କ ସହଯୋଗରେ ସ୍ଥାନୀୟ ଲୋକମାନେ ଉପକୃତ ହେବେ ବୋଲି କନ୍ଧମାଳ ସାଂସଦ ଶ୍ରୀ ସାମନ୍ତ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭଞ୍ଜନଗର ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ, ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ସାଂସଦ ପ୍ରତିନିଧି ଦିବାକର ନାୟକ, ପଞ୍ଚାନନ ପାଳ, ବିପ୍ର ଚରଣ ବାରିକ, ବ୍ଲକ ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ରାଜେନ୍ଦ୍ର ବିଷୋୟୀ, ଜଗନ୍ନାଥ ପ୍ରସାଦ ବ୍ଲକ ଉପାଧ୍ୟକ୍ଷ ରଞ୍ଜିତ ପାତ୍ର, ଶୂଳପାଣି ଶତପଥୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ଓ ବହୁ ସଂଖ୍ୟାରେ ପୁରୁଷ ଏବଂ ମହିଳାମାନେ ଉପସ୍ଥିତ ଥିଲେ ।



## ଅଶ୍ଳୀଳ ଫଟୋ ପଠାଇ ଯୁବତୀଙ୍କ ମା'ଙ୍କୁ ନିର୍ଯାତନା

ହୁମ୍ମା, ୨୮ ।୨(ସମିସ): ରମ୍ଭା ଥାନା ଅଞ୍ଚଳର ଏକ ଗ୍ରାମରେ ଏକ ଅଜଣା ବ୍ୟକ୍ତି ଜୈନିକ ଯୁବତୀଙ୍କ ନକଲି ହ୍ୱାଟ୍ସଆପ ଆଇଡ଼ି ଖୋଲି ସେହି ଯୁବତୀଙ୍କ ମା'ଙ୍କୁ ଝିଅର ଅଶ୍ଳୀଳ ଫଟୋ ପଠାଇ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି ।

ଗତ ରବିବାର ଦିନ ୧୨ଟାରେ ଅଭିଯୋଗକାରୀ ମହିଳାଙ୍କ ମୋବାଇଲ ହ୍ୱାଟ୍ସଆପକୁ ଏକ ମେସେଜ ଆସିଥିଲା । ମହିଳାଙ୍କ ଝିଅ ନାମ ଖୋଲି ଝିଅର ଅଶ୍ଳୀଳ ଫଟୋ ଓ ଝିଅର ଇନଷ୍ଟାଗ୍ରାମ ଆଇଡ଼ିରୁ ମଧ୍ୟ ଫଟୋ ଆସୁଥିବା ଅଭିଯୋଗକାରୀ ଜଣଙ୍କ ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି । ଫଳରେ ମହିଳା ଜଣଙ୍କ ପରିବାର ମାନସିକ ନିର୍ଯାତନାର ଶିକାର ହେଉଥିବା ବେଳେ ହ୍ୱାଟ୍ସଆପ ଡ଼ିପିରେ ମହିଳାଙ୍କ ଝିଅ ଥିବା ଅଭିଯୋଗକାରୀ ଜଣଙ୍କ ଏତଲାରେ ଦର୍ଶାଇଛନ୍ତି । ପୁଲିସ କେସନଂ(୧୪୫/୨୪)ରେ ମାମଲା ରୁଜୁ କରିଥିବା ବେଳେ ରମ୍ଭା ଥାନା ଆଇଆଇସି ସତ୍ୟବ୍ରତ ଭୁତିଆ ତଦନ୍ତ ଜାରି ରଖିଛନ୍ତି ।

## ଦୁର୍ଘଟଣାରେ ତିନି ଛାତ୍ର ଗୁରୁତର

ରଙ୍ଗେଇଲୁଣ୍ଡା, ୨୮ ।୨(ସମିସ): ଗୋଳନ୍ଥରା ଥାନା ଅଧିନସ୍ଥ ପାଲୁର ନିକଟରେ ନିକଟରେ ବୁଧବାର ବାଇକ ଦୁର୍ଘଟଣା ଘଟିଛି । ଏଥିରେ ୩ ଜଣ ମାଟ୍ରିକ ଛାତ୍ର ଗୁରୁତର ହୋଇଛନ୍ତି । ସେମାନେ ହେଲେ ହରଡ଼ଙ୍ଗ ଗ୍ରାମର ବି ଅନିଲ ପାତ୍ର, ସିଏଚ. ଦିଲୀପ ପାତ୍ର ଓ ଜି ଡିଲେଶ୍ୱର ରେଡି । ସେମାନେ ସିଦ୍ଧ ଭୈରବୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ରୂପେ ଅଧ୍ୟୟନ କରୁଥିଲେ । ବୁଧବାର ସକାଳେ ତିନି ଜଣ ଛାତ୍ର ଦଶମ ଶ୍ରେଣୀ ପରୀକ୍ଷା ଦେବ ପାଇଁ ଏକ ବାଇକରେ ଗୋଳନ୍ଥରା ଚଟି ବିଶ୍ୱନାଥ ହାଇ ଏଣ୍ଡ ଟେକିନିକଲ ସ୍କୁଲ ବାଇକରେ ଆସୁଥିବାବେଳେ ପାଲୁର ନିକଟରେ ବୁଲୁଥିବାବେଳେ ଭାରସାମ୍ୟ ହରାଇ ଏକ ଗଛକୁ ପିଟି ହୋଇଥିଲେ । ସ୍ଥାନୀୟ ଲୋକ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ । ସେ ଡିଲେଶ୍ୱରଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି । ଅନିଲ ଓ ଦିଲୀପ ବଡ଼ ବ୍ରହ୍ମପୁର ମେଡିକାଲରେ ଚିକିତ୍ସା ଜାରି ରହିଛି । ତେବେ ଖବର ଲେଖାହେବା ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇନଥିବା ଜଣାପଡ଼ିଛି ।

● ଦୁର୍ଘଟଣାରେ ଶ୍ରମିକଙ୍କ ମୃତ୍ୟୁ ଘଟଣା

## ଅଭିଯୁକ୍ତ ଟ୍ରକ ଚାଳକ ଗିରଫ

ଦିଗପହଣ୍ଡି, ୨୮ ।୨(ସମିସ): ଦିଗପହଣ୍ଡି ପୁଲିସ ବୁଧବାର କଟକ ଜିଲ୍ଲା ବଡମ୍ବା ଥାନା ବୃନ୍ଦାବନପୁର ଗ୍ରାମର ମୋହନ ଗୋଛି ନାମକ ଜଣେ ଟ୍ରକ ଚାଳକଙ୍କୁ ଗିରଫ କରି ଥାନା ମାମଲା ନଂ.୯୪/୨୪ ଅନୁଯାୟୀ କୋର୍ଟଚାଲାଣ କରିଛି । ମଙ୍ଗଳବାର ଦିଗପହଣ୍ଡି-ଆସିକା ରାସ୍ତାର ରାଜପୁର ଗାଁ ଛକ ନିକଟରେ ଟ୍ରକ ଧକ୍କାରେ ଏକ ଅଟୋ ଖଣ୍ଡ ଖଣ୍ଡ ହୋଇଯାଇଥିଲା । ଦୁର୍ଘଟଣାରେ ଅଟୋରେ ବସିଥିବା ରାମନାଥ ପରଜା ନାମକ ଜଣେ ଇଟାଭାଟି ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା । ଅଟୋ ଚାଳକ ରମେଶ ଚନ୍ଦ୍ର ସାହୁଙ୍କ ସମେତ ଅଟୋରେ ଥିବା ଅନ୍ୟ ୪ ଜଣ ଗୁରୁତର ଆହାତ ହୋଇଥିଲେ । ସେମାନଙ୍କୁ ଉଦ୍ଧାର କରାଯାଇ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା ।

## ବ୍ଲକ୍‌ସ୍ତରୀୟ ମନରେଗା ଜନଶୁଣାଣି

ପାତ୍ରପୁର, ୨୮ ।୨(ସମିସ): ପାତ୍ରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ମନରେଗା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଜନଶୁଣାଣି ଶିବର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଡେପୁଟି କଲେକ୍ଟର, ଜିଲ୍ଲା ମନରେଗା ସ୍ୱତନ୍ତ୍ର ଅଡିଟର, ପାତ୍ରପୁର ବିଡିଓ, ସହକାରୀ ଯନ୍ତ୍ରୀ, ଏବିଡିଓ ପ୍ରମୁଖ ମଞ୍ଚାସିନ ଥିଲେ । ତେବେ ଜନଶୁଣାଣି ଶିବର ସମ୍ପର୍କରେ ସାଧାରଣ ଲୋକେ ସାମାନ୍ୟ ସୂଚନା ମଧ୍ୟ ପାଇ ପାରିନଥିବା ବେଳେ କିଛି ସାଧାରଣ ଲୋକ ବ୍ଲକକୁ କୌଣସି କାମରେ ଆସିଥିବା ବେଳେ ବ୍ଲକ ପରିସରରେ ହୋହାଲ୍ଲା ଶୁଣି




ଭିତରକୁ ଯାଇ ଅନୁସନ୍ଧାନ କରିଥିଲେ ଏବଂ ଅନୁସନ୍ଧାନରୁ ସେମାନେ ଉପସ୍ଥିତ ଥିବା ଅଧିକାରୀ ମାନଙ୍କୁ ପ୍ରଶ୍ନ କରିଥିଲେ କି ବିନା ସୂଚନାରେ ଏ ଜନଶୁଣାଣୀ କାହା ସ୍ୱାର୍ଥରେ କରାଯାଉଛି । ଜନଶୁଣାଣି ଶିବରରେ ଚାରି ପାଞ୍ଚ ଜଣ ନିର୍ବାଚିତ ପ୍ରତିନିଧିଙ୍କ ବ୍ୟତୀତ ଆଉ କେହି ସାଧାରଣ ଲୋକ ନଥିବା ଦେଖିବାକୁ ମିଳିଥିଲା । ଅନ୍ୟମାନଙ୍କ ମଧ୍ୟରେ ବ୍ଲକର ସମସ୍ତ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ପିଇଓ, ଜିଆରଏସ, ଗାଁ ସାଥୀ ମାନେ ଉପସ୍ଥିତ ଥିଲେ ।

## ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତିରେ ୪ ଛାତ୍ରଙ୍କ ସଫଳତା

କବିସୂର୍ଯ୍ୟନଗର, ୨୮ ।୨(ସମିସ): ୨୦୨୩-୨୪ ଶିକ୍ଷା ବର୍ଷର ପ୍ରକାଶିତ ହୋଇଥିବା ୮ମ ଶ୍ରେଣୀ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି (ଏନ୍‌ଆର୍‌ଟିଏସ) ପରୀକ୍ଷାରେ କବିସୂର୍ଯ୍ୟନଗର ଶିଶୁ ବିଦ୍ୟା ମନ୍ଦିରୟର ଛାତ୍ରଛାତ୍ରୀମାନେ ଅଭୁତପୂର୍ବ ସଫଳତା ହାସଲ କରିଛନ୍ତି । ଏନ୍‌ଏସିର ୪ଜଣ ଙ୍କ ମଧ୍ୟରୁ ସମସ୍ତ ୪ଜଣ ଶିଶୁ ଶିଶୁ ବିଦ୍ୟାମନ୍ଦିର, କବିସୂର୍ଯ୍ୟନଗରର ଅଟନ୍ତି । ସେମାନେ ହେଲେ ସତ୍ୟନାରାୟଣ ସାହୁ, ଆଶ୍ରିତା କୁମାରୀ ଗୌଡ଼, ଓମ୍ କୁମାର ବେହେରା ଓ ରାଜ କୁମାର ମହାନ୍ତି । କ୍ରମାନ୍ୱୟରେ ବର୍ଷ ବର୍ଷ ଧରି ଏହି ସଫଳତା ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ସାଧନା ଓ ତ୍ୟାଗ, ପରିଚାଳନା ସମିତିଙ୍କ ପ୍ରୋତ୍ସାହନ, ଶିଶୁଙ୍କ କଠୋର ପରିଶ୍ରମ ଓ ଅଭିଭାବକଙ୍କ ସହଯୋଗ ଯୋଗୁଁ ହୋଇପାରୁଛି । ଏହି ସଫଳତା ପାଇଁ ବିଦ୍ୟାଳୟର ସଭାପତି ରାମଚନ୍ଦ୍ର ସାହୁ, ଉପସଭାପତି ବଂଶୀଧର ପ୍ରଧାନ, ସମ୍ପାଦକ ମିହିର କୁମାର ଶତପଥୀ, ଯୁଗ୍ମ ସମ୍ପାଦକ ବୁଲୁ ପୋଲେଇ, କୋଷାଧ୍ୟକ୍ଷ ମୁରଲୀଧର ପାଣିଗ୍ରାହୀ, ସଦସ୍ୟା ମମତା ମୁନି, ପ୍ରଧାନ ଆଚାର୍ଯ୍ୟ ଦାଶରଥି ସ୍ୱାଇଁ ଓ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଶିଶୁଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

## ଆର୍ଯ୍ୟପଲ୍ଲୀ ବେଳାଭୂମିରେ ଅଲିଭରିଡ୍‌ଲେ କଇଁଛ ମୃତଦେହ



ଛତ୍ରପୁର, ୨୮ ।୨(ସମିସ): ଛତ୍ରପୁର ବ୍ଲକ ଅନ୍ତର୍ଗତ ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ନିକଟ ସମୁଦ୍ର ବେଳାଭୂମିରେ କେତକ ମଲା ଅଲିଭରିଡ୍‌ଲେ କଇଁଛ ପଡ଼ିଥିବାର ଦେଖିବାକୁ ମିଳିଛି । ଏନେଇ କିଛି ଅଞ୍ଚଳବାସୀ ସେଠାକୁ ଯାଇ ଦେଖି ସୂଚନା ଦେଇଛନ୍ତି । ଏବେ ଅଲି ରିଡେଲ କଇଁଛର ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଣୁ ବିଭାଗ ପକ୍ଷରୁ ଏଥିପ୍ରତି ଯତ୍ନ ନେବା ନିମନ୍ତେ ସାଧାରଣରେ ଦାବି ହୋଇଛି ।

## ଜାତୀୟ ବିଜ୍ଞାନ ଦିବସ ପାଳିତ

କବିସୂର୍ଯ୍ୟନଗର, ୨୮ ।୨(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ବରିଷ୍ଠ ଗୁରୁଜୀ ସନ୍ତୋଷ କୁମାର ସ୍ୱାଇଁ ମୁଖ୍ୟବକ୍ତା ରୂପେ ଯୋଗଦେଇ ଜାତୀୟ ବିଜ୍ଞାନ ଦିବସ, ସମାଜକୁ ବିଜ୍ଞାନର ଅବଦାନ ଓ ସିଭି ରମଣଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଦାଶରଥି ସ୍ୱାଇଁ ଉତ୍ସବ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ବିଦ୍ୟାଳୟର ଶୈକ୍ଷିକ ପ୍ରମୁଖ ନମିତା ରାଣୀ ପୋଲେଇଙ୍କ ତତ୍ତ୍ୱାବଧାନରେ ସ୍କାଉଟ ଶିଶୁଙ୍କ ଦ୍ୱାରା ବିଜ୍ଞାନ ଆଧାରିତ ନାଟକ ଓ ଗାଇଡ ଶିଶୁଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା । ବିଦ୍ୟାଳୟରେ ଶିଶୁଙ୍କ ଦ୍ୱାରା ପ୍ରଶ୍ନମଞ୍ଚ, ଫଟୋ ଚିତ୍ର ପ୍ରଦର୍ଶନ ଓ ଭାଷଣ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଗୁରୁମା ପ୍ରିୟଙ୍କା ଶତପଥୀ ପରିଚାଳନା କରିଥିଲେ । ସମସ୍ତ ଗୁରୁଜୀ ଗୁରୁମା, ଶିଶୁ, ସେବକ ସେବିକା ଓ ବାହନ ଚାଳକ ଭାଇ ମାନେ ସହଯୋଗ କରିଥିଲେ ।

## ପ୍ରଧାନଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ହୁମ୍ମା/ରମ୍ଭା, ୨୮ ।୨(ସମିସ): ସ୍ଥାନୀୟ ଗୌରାଙ୍ଗ ପାଟଣା ଗ୍ରାମର ତଥା ମା' ଭରାଣ୍ଡି ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭିରାମ ବେହେରାଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି । ଛତ୍ରପୁର ଷ୍ଟାଡିୟମରେ ଜିଲ୍ଲା ଶିକ୍ଷା ଅଧିକାରୀ ଅମିତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଆସିକା ସାଂସଦ ପ୍ରମିଳା ବିଷୋୟୀ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଏଡିଇଓ ପବିତ୍ର ମୋହନ ବେହେରା ଓ ରାଜେଶ କୁମାର ପ୍ରଧାନ, ଡିଆଇଟି ପ୍ରିନ୍ସିପାଲ ଡ.ସନ୍ତୋଷ ପରିଡ଼ା ପ୍ରମୁଖ ଯୋଗଦେଇ ପ୍ରଧାନ ଶିକ୍ଷକ ଶ୍ରୀ ବେହେରାଙ୍କ ଏହି ପୁରସ୍କାର ପ୍ରଦାନ କରିଥିଲେ । ଏହା ସହ ଶ୍ରେଷ୍ଠ ମାଧ୍ୟମିକ ବିଦ୍ୟାଳୟ ଏବଂ ଶ୍ରେଷ୍ଠ ବିଦ୍ୟାଳୟ ପରିଚାଳନା କମିଟି ପାଇଁ ମଧ୍ୟ ବିଦ୍ୟାଳୟକୁ ପୁରସ୍କୃତ କରାଯାଇଛି । ଏଥି ପାଇଁ ବିଭିନ୍ନ ମହଲରେ ଆନନ୍ଦ ପ୍ରକାଶ ପାଇବା ସହ ଶୁଭେଚ୍ଛାର ସୁଅ ଛୁଟିଛି ।

## ଜାତୀୟ ବିଜ୍ଞାନ ଦିବସ ପାଳିତ

ବୁଗୁଡ଼ା, ୨୮ ।୨(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପରିଚାଳନା ସମିତି ସମ୍ପାଦକ ରମେଶ ଚନ୍ଦ୍ର ଆଲଟିଆ ଅଧ୍ୟକ୍ଷତା କରିଥିବାବେଳେ ଏଥିରେ ଅତିଥି ଭାବେ ଶିକ୍ଷାବିତ୍ ରଘୁନାଥ ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିବା ସହ ବୈଜ୍ଞାନିକ ମନୋବୃତ୍ତି ସମ୍ପନ୍ନ ବ୍ୟକ୍ତି ରୂପେ ନିଜକୁ ଗଢି ତୋଳିବାକୁ ପରାମର୍ଶ ଦେଇଥିଲେ । ଏଥି ସହ ଉକ୍ତ ଦିବସ ପାଳନର ତାତ୍ପର୍ଯ୍ୟ ସାଙ୍ଗକୁ ବିଜ୍ଞାନ କ୍ଷେତ୍ରରେ ବିଶ୍ୱକୁ ଭାରତୀୟ ବୈଜ୍ଞାନିକଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଜ୍ଞାନ ପ୍ରମୁଖ ଗୁରୁଜୀ ଜଗନ୍ନାଥ



ରଥଙ୍କ ତତ୍ତ୍ୱାବଧାନରେ ଗୁରୁଜୀ, ଗୁରୁମା ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ବିଜ୍ଞାନ ପରୀକ୍ଷଣ ପ୍ରଦର୍ଶିତ ହୋଇଥିଲା । ଗୁରୁମା ହରପ୍ରିୟା ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନାଚାର୍ଯ୍ୟ ଉତ୍ତମ କୁମାର ମହାରଣା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୁରୁଜୀ ସଞ୍ଜୟ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

## କୃଷି ସମବାୟ ସମିତିକୁ ଆର୍ଥିକ ସହାୟତା




ଆସିକା, ୨୮ ।୨(ସମିସ): ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ ଆନୁକୂଲ୍ୟରେ ସାବିତ୍ରୀ କଲ୍ୟାଣ ମଣ୍ଡପ ପରିସରରେ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଦ୍ୱାରା ପରିଚାଳିତ ପ୍ରାଥମିକ କୃଷି ସେବା ସମବାୟ ସମିତି ମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଆସିକା ସାଂସଦ ପ୍ରମିଳା ବିଷୋୟୀ ମୁଖ୍ୟ ଅତିଥି, ବିଧାୟିକା ମଞ୍ଜୁଳା ସ୍ୱାଇଁ, ରାଜ୍ୟ ସମବାୟ ବ୍ୟାଙ୍କ ଲିଃ ଅଦକ୍ଷ୍ୟ ଟି. ପ୍ରସାଦ ରାଓ ଦୋରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏମପିସିଏସ ସଭାପତି କାର୍ତ୍ତିକେଶ୍ୱର ପରିଡ଼ା, ସମବାୟ ଚିନି ଶିଳ୍ପ ସଭାପତି ରବୀନ୍ଦ୍ର ପଣ୍ଡା, ସମବାୟ ବ୍ୟାଙ୍କ ସଭାପତି ମଙ୍ଗୁଲୁ ଧର ସାହୁ ପ୍ରମୁଖ ମଞ୍ଚାସିନ ଥିଲେ । ଏହି ଅବସରରେ ଆସିକା ସମବାୟ ବ୍ୟାଙ୍କ ଲିଃ ପରିସରରେ ଥିବା ୫୦ଟି ସୋସାଇଟିକୁ ସୋସାଇଟିରୁ ହୋଇଥିବା ଲାଭାଂଶରୁ ୫୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା । ସମବାୟ ସମିତିର କର୍ମଚାରୀ ମାନେ ସହଯୋଗ କରିଥିଲେ ।

## କାଜୁ ପ୍ରକ୍ରିୟାକରଣ ଶିଳ୍ପ ସଂଘର ୨ ଦିନିଆ କାର୍ଯ୍ୟକ୍ରମ




ରମ୍ଭା, ୨୮ ।୨(ସମିସ): ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ଧର୍ମ ସରଣପୁର କାଜୁ ଫେକ୍ଟ୍ରି ସଭାଗୃହ ପରିସରରେ ଗଞ୍ଜାମ ଜିଲ୍ଲା କାଜୁ ପ୍ରକ୍ରିୟା ତଥା ନାରାୟଣୀ କାଜୁ ଇଣ୍ଡଷ୍ଟ୍ରି ମାଲିକ ପି. ରାଜେନ୍ଦ୍ର ପୁଷ୍ଟିଙ୍କ ସଭାପତିତ୍ୱରେ ଇଭେଣ୍ଟ ମ୍ୟାନେଜମେଣ୍ଟ ମହାରାଷ୍ଟ୍ର ଆନୁକୂଲ୍ୟରେ କାଜୁ ଶିଳ୍ପ ସମ୍ବନ୍ଧୀୟ ଓ ଅତ୍ୟାଧୁନିକ ଉନ୍ନତ ମାନର ଯନ୍ତ୍ରପାତି ପ୍ରଦର୍ଶନର ୨ ଦିନିଆ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି । ଅତିଥି ପରିଚୟ ରାମ ମୋହନ ପଣ୍ଡା ଦେଇଥିବା ବେଳେ ମଞ୍ଚ ସଂଯୋଜନା ରତ୍ନାକର ସାହୁ କରିଥିଲେ । ମୁଖ୍ୟ ଅତିଥି ଓଡ଼ିଶା କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ମହାରଣା, ମୁଖ୍ୟବକ୍ତା ଗଞ୍ଜାମ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ପ୍ରସନ୍ନ କୁମାର ପାତ୍ର, ରାଜ୍ୟ କାଜୁ ପ୍ରକ୍ରିୟା କାରଣର ସଭାପତି ପ୍ରଭାକର ପତ୍ରି, ସାଧାରଣ ସମ୍ପାଦକ କାହ୍ନୁ ସେନାପତି, ପଲାସା କାଜୁ ଉତ୍ପାଦନ ସଂଘର ସଭାପତି ମାଲା ସୁରେଶ କୁମାର, ନେସନାଲ ଲେବଲ କାଜୁ ଷ୍ଟେରିଙ୍ଗ କମିଟି ମେମ୍ବର ରାଜେନ୍ଦ୍ର ସାବତ, ମୀନା ଟେକନୋଲୋଜି ଏମ. ଡ଼ି. ଭେଲୁ ଚେଟି, ସାଇରାଜ ମେସନାରୀଶ ଏମ. ଡ଼ି. ଧନଞ୍ଜୟ ହରି ପାଟିଲ, ଡେଲଟା କାଜୁ ମେସିନ୍ସ ଏମଡି ଦୀପକ କଡମ, ପ୍ରମୁଖ ମଞ୍ଚାସିନ ହୋଇଥିଲେ । ବିଶ୍ୱରେ କାଜୁ ଶିଳ୍ପର ଟେକନୋଲୋଜିରେ ଭିଏତନାମ ଓ ଭାରତ ରହିଥିବାବେଳେ ଆଜି ଭାରତ ୭ ନମ୍ବରକୁ ଖସି ଯାଇଛି । ତେଣୁ ଭାରତକୁ ପୁନର୍ବାର ପ୍ରତିଯୋଗିତାରେ ସାମିଲ ହୋଇ ସାମ୍ନା କରିବାକୁ ହେଲେ ନୂତନ ଟେକନୋଲୋଜି ପ୍ରୟୋଗ ଓ ଅଣ କୁଶଳୀ ଶ୍ରମିକଙ୍କର ଚାହିଦା ମୁତାବକ ପୂରଣ କରିବାକୁ ମଞ୍ଚାସିନ ବ୍ୟକ୍ତିମାନେ ଦୃଢୋକ୍ତି ପ୍ରକାଶ କରିଥିଲେ । ରାଜ୍ୟ ପରିଷଦର ପୂର୍ବତନ ସଭ୍ୟ ପ୍ରକାଶ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ ।

## ବଜ୍ରପାତରେ ଜଣେ ମୃତ, ୨ ଗୁରୁତର

ଦିଗପହଣ୍ଡି, ୨୮ ।୨(ସମିସ): ଦିଗପହଣ୍ଡି ବ୍ଲକ ବାସୁଦେବପୁର ଗ୍ରାମରେ ବୁଧବାର ବ୍ରଜପାତ ଘଟି ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଦୁଇ ଜଣ ଗୁରୁତର ହୋଇଛନ୍ତି । ମୃତକ ଜଣକ ହେଲେ ଦିଗପହଣ୍ଡି ଥାନା ବାସୁଦେବପୁର ଗ୍ରାମର ଏ. ନାର୍ସୁଆମ୍ମା । ସେ ସିଦ୍ଧେଶ୍ୱର ସେକ୍ଟର ଛୋଟରାୟପୁର ଅଙ୍ଗନବାଡ଼ି କେନ୍ଦ୍ର୧ରେ ଦାୟିତ୍ୱ ତୁଲାଇ ଆସୁଥିଲେ । ସେହିପରି ମୃତକଙ୍କ ସ୍ୱାମୀ ଏ . ଭୂବୁନି ଏବଂ ନଣନ୍ଦ ଏମ୍. ଡୋଲିଆମ୍ମା ବଜ୍ରପାତରେ ଗୁରୁତର ହୋଇଛନ୍ତି । ବୁଧବାର ଅପରାହ୍ନ ପ୍ରାୟ ସାଢ଼େ ୨ଟା ସମୟରେ ୩ ଜଣ ମିଶି ଚାଷଜମିକୁ ମୁଗ ଫସଲ ସଂଗ୍ରହ ପାଇଁ ଯାଇଥିଲେ । ତେବେ ୩ଟାବେଳେ ପ୍ରବଳ ବର୍ଷା ସାଙ୍ଗକୁ ବଜ୍ରପାତ ଘଟିଥିଲା । ଏଥିରେ ତିନିହେଁ ଗୁରୁତର ହୋଇଥିଲେ । ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଇଥିଲେ । ତେବେ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ନାର୍ସୁଆମ୍ମାଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଏମ୍. ସନ୍ତୋଷ ବଡ଼ ଡାକ୍ତରଖାନାରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଗୁରୁତର ମାନଙ୍କୁ ଚିକିତ୍ସା କ୍ଷେତ୍ରରେ ସହଯୋଗ କରିଥିଲେ । ଅପରପକ୍ଷେ ଖବରପାଇ ସିଡିପିଓ ପୁଷ୍ପାଞ୍ଜଳୀ ଶତପଥୀ, ସରପଞ୍ଚ ଏମ୍. ଶ୍ୟାମଘନଙ୍କ ସମେତ ଅଙ୍ଗନବାଡ଼ି କର୍ମୀମାନେ ଶୋକ ପ୍ରକାଶ କରିଛନ୍ତି । ଏପରିକି ମୃତ ଅଙ୍ଗନବାଡ଼ି କର୍ମୀଙ୍କ ପରିବାରକୁ ଯଥାଶୀଘ୍ର ସରକାରୀ ସହାୟତା ରାଶି ଯୋଗାଇ ଦେବାପାଇଁ ସରପଞ୍ଚ ଦାବି କରିଛନ୍ତି ।

## ରାତି ଅଧରେ ଗୋରୁ ଚାଲାଣ

ହମ୍ମା, ୨୮ ।୨(ସମିସ): ରାତି ଅଧରେ ହୁମ୍ମା ଓ ପାଲୁର ଜଙ୍କସନ ଅଞ୍ଚଳ ଓ କୃଷ୍ଣପ୍ରସାଦ ଥାନା ଅଞ୍ଚଳରୁ ଗୋରୁ ଅପହରଣ କରି ବେଆଇନ ଭାବେ ଚାଲାଣ ହେଉଥିବା ଅଭିଯୋଗ ହୋଇଛି । କୌଣସି ବ୍ୟକ୍ତି ରାତି ଅଧରେ ପ୍ରତିବାଦ କରିଲେ ବନ୍ଧୁକ ଓ ବିଭିନ୍ନ ମାରାଣ୍ତକ ଅସ୍ତ୍ର ଦେଖାଇ ଭୟଭୀତ କରାଯାଉଛି । ଏକ ପିକଅପ ଟାଟାଏସି ସାହାଯ୍ୟରେ ଅପହରଣ କରି ଜାତୀୟ ୧୬ ନମ୍ବର ରାଜପଥର ଏକ ନିଛାଟିଆ ସ୍ଥାନରେ କଣ୍ଟେନର ଟ୍ରକରେ ଲୋଡ଼ କରାଯାଇ ଆନ୍ଧ୍ରକୁ ଚାଲାଣ କରାଯାଉଥିବା ଗୋରୁ ଚୋରି ହୋଇଥିବା ଏକ ବ୍ୟକ୍ତି ଗୋପନୀୟ ଭାବରେ ଅଭିଯୋଗ କରିଛନ୍ତି । ସେପଟେ ଗଡ଼ହୁମ୍ମା ଗ୍ରାମର ୨ଟି ଛେଳି ଅପହରଣ କରାଯାଇଥିବା ବେଳେ ଗାଈଗୋରୁ ଛେଳି ରମ୍ଭା ଥାନା ଅଞ୍ଚଳରେ ସୁରକ୍ଷିତ ନଥିବା ଅଞ୍ଚଳବାସୀ କହିଛନ୍ତି । ଅପହରଣକାରୀମାନେ ଦିନରେ ଆସି ଗୃହପାଳିତ ପଶୁର କ୍ରୟ ପାଇଁ ମୂଲଚାଲ କରିବା ଓ ରାତିରେ ଅପହରଣ କରୁଥିବା ଅଭିଯୋଗ ହେଉଛି । ତେଣୁ ପୋଲିସ ପ୍ରଶାସନ ରାତିରେ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହୋଇଛି ।

## ଜିଲ୍ଲାସ୍ତରୀୟ ଗ୍ରୀଷ୍ମପ୍ରବାହ ମୁକାବିଲା କର୍ମଶାଳା

ଛତ୍ରପୁର, ୨୮ ।୨(ସମିସ): ଗ୍ରୀଷ୍ମ ପ୍ରବାହର ଉପଯୁକ୍ତ ମୁକାବିଲା ଓ ପରିଚାଳନା ନିମନ୍ତେ ବୁଧବାର ଗଞ୍ଜାମ ଜିଲ୍ଲାରେ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହାୟତାରେ ଜିଲ୍ଲାସ୍ତରୀୟ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦିବ୍ୟଜୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଉପଜିଲ୍ଲାପାଳ, ବ୍ରହ୍ମପୁର ଓ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଆୟୁଷି ପତି ପ୍ରମୁଖ ମଞ୍ଚାସୀନ ଥିବାବେଳେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଗ୍ରୀଷ୍ମପ୍ରବାହ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ । ଗ୍ରୀଷ୍ମପ୍ରବାହ ଯୋଗୁ ମନୁଷ୍ୟ ଶରୀରରେ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖା ଦେବା ସହିତ ଗୃହପାଳିତ ପଶୁ ଏବଂ ଚାଷବାସ ଉପରେ ମଧ୍ୟ ଏହାର କୁପ୍ରଭାବ ପଡ଼ିଥାଏ, ଅଂଶୁଘାତରେ ଜୀବନହାନି ମଧ୍ୟ ହୋଇଥାଏ, ତେଣୁ ଏହାର ସଠିକ ମୁକାବିଲା ଏବଂ ଅଂଶୁଘାତରୁ ରକ୍ଷା ପାଇବାର ଉପାୟ ସମ୍ପର୍କରେ କର୍ମଶାଳାରେ ଅଧିକାରୀ ମାନଙ୍କୁ ବୁଝା ଯାଇଥିଲା । ବୈଠକରେ ଉପସ୍ଥିତ ବିଡ଼ିଓ, ତହସିଲଦାର, ବିଦ୍ୟୁତ ବିଭାଗ, ଅଗ୍ନିଶମ ଅଧିକାରୀ, ଜିଲ୍ଲା ଶିକ୍ଷା ବିଭାଗ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମୀ ମାନଙ୍କୁ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଥିଲା । ସେହିପରି ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ଏହା ଉପରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ଗୁରୁତ୍ୱ ଦିଆଯାଇଥିଲା । କର୍ମଶାଳାରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଆୟୁଷି ପତି ଗ୍ରୀଷ୍ମପ୍ରବାହ ମୁକାବିଲା ଯୋଜନା ପ୍ରସ୍ତୁତ ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡିପିଏଚ୍‌ଓ ଗ୍ରୀଷ୍ମପ୍ରବାହ ଜନିତ ମାନସିକ ଓ ଶାରୀରିକ ଚାପ ପରିଚାଳନା ଉପରେ ତଥ୍ୟ ଭିତ୍ତିକ ରିପୋର୍ଟ ଉପସ୍ଥାପନା କରିଥିଲେ । ଜିଲ୍ଲା ପ୍ରକଳ୍ପ ଅଧିକାରୀ ଦେବେନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ ।



